CMYK CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୬ ◆ ଭୁବନେଶ୍ୱର ◆ ସୋମବାର ◆ ଏପ୍ରିଲ ୨୭ରୁ ମେ ୦୩, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-36 ◆ Bhubaneswar ◆ Monday ◆ April 27 to May 03, 2026 ◆ Page-8 ◆ Price Rs.4.00

## ଡିନର ପାର୍ଟିରେ ଟ୍ରମ୍ପଙ୍କୁ ଟାର୍ଗେଟ, ଫୁଟିଲା ଗୁଳି

ୱାଶିଂଟନ୍,(ଏଜେନ୍ସି): ୱାଶିଂଟନର ହିଲଟନ ହୋଟେଲରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟଙ୍କ ରାତ୍ରୀଭୋଜନ ସମୟରେ ଗୁଳିମାଡ଼ ହୋଇଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ୍ କରି ହୋଇଛି ଗୁଳିକାଣ୍ଡ। ଘଟଣା ଘଟିବା ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ହୋଟେଲରେ ଉପସ୍ଥିତ ଥିଲେ। ଉଭୟଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ କୌଣସି ଆହତ ହୋଇଥିବାର ସୂଚନା ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ଜଣେ ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କ ସହ ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପ ମଧ୍ୟ ଉପସ୍ଥିତ ଥିଲେ। ୱାଶିଂଟନ ସାମ୍ବାଦିକମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ଟ୍ରମ୍ପ ପ୍ରଥମ ଥର ସାମିଲ ହୋଇଥିଲେ। ଗୁଳିକାଣ୍ଡ ପରେ, ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥଆଉଟରେ ପୋଷ୍ଟ କରି କହିଥିଲେ ଯେ ସେ ସୁରକ୍ଷିତ ଅଛନ୍ତି। ଟ୍ରମ୍ପ ଲେଖିଛନ୍ତି, 'ଡିସିରେ ଆଜି ସନ୍ଧ୍ୟା ଟିକିଏ ଅଶାନ୍ତ ଥିଲା । ସିକ୍ରେଟ୍ ସର୍ଭିସ୍ ଓ ସୁରକ୍ଷା ଏଜେନ୍ସି ଚମତ୍କାର ଭାବେ ସେମାନଙ୍କ କାମ କରିଛନ୍ତି । ସେମାନେ ସୁଟରକୁ ଧରି ନେଇଛନ୍ତି।' ଟ୍ରମ୍ପ ଆହୁରି ଲେଖିଛନ୍ତି, 'ଆମକୁ କାର୍ଯ୍ୟକ୍ରମ ଜାରି ରଖିବା ଦରକାର ବୋଲି ମୁଁ ସୁପାରିସ୍ କରିଥିଲି। କିନ୍ତୁ ଆଶା ଅନୁସାରେ ହୋଇପାରି ନଥିଲା। ଆମେ ପୁଣି ଥରେ ଏହି କାର୍ଯ୍ୟକ୍ରମ କରିବୁ।'



ଏନେଇ ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ଯେ ଆକ୍ରମଣକାରୀ ପାଖରେ ଶକ୍ତିଶାଳୀ ବନ୍ଧୁକ ଥିଲା। ସିକ୍ରେଟ୍ ସର୍ଭିସ୍‌ର ଜଣେ ଏଜେଣ୍ଟଙ୍କ ଦେହରେ ଗୁଳି ବାଜିଛି ସେ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିଲେ। ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟ ବହୁତ ଭଲ କାମ କରିଛନ୍ତି। ମୁଁ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟଙ୍କୁ ନେଇ ଗର୍ବିତ। ଧରା ପଡ଼ିଥିବା ଅଭିଯୁକ୍ତ ଏକାଧିକ ଅସ୍ତ୍ରଶସ୍ତ୍ର ନେଇ ସିକ୍ୟୁରିଟି ଚେକପଏଣ୍ଟରେ ପହଞ୍ଚିଥିଲା। ତାକୁ ସିକ୍ରେଟ୍ ସର୍ଭିସ୍‌ର ବାହାଦୂର ଯବାନ ଧରି ନେଇଥିଲେ। ଜଣଙ୍କୁ ଗୁଳି ଲାଗିଥିବା ବେଳେ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ କିଛି କ୍ଷତି ହୋଇନାହିଁ ବୋଲି ଟ୍ରମ୍ପ କହିଛନ୍ତି।

ଟ୍ରମ୍ପ ଆହୁରି କହିଛନ୍ତି, 'ବିଗତ କିଛି ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା ନୁହେଁ । କୌଣସି ସମ୍ଭାବ୍ୟ ହତ୍ୟାକାରୀ ଆକ୍ରମଣ କରିଛି, ସେ ମୋତେ ମାରିବାକୁ ଚାହୁଁଥିଲା।' ଏଥିସହ ଡୋନାଲ୍ଡ ଟ୍ରମ୍ପ ଆକ୍ରମଣକାରୀର ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ଗୁଳିମାଡ଼ କରିଥିବା ବ୍ୟକ୍ତି ୩୧ ବର୍ଷୀୟ କୋଲ୍ ଥୋମାସ ଆଲେନ। ରିପୋର୍ଟ ଅନୁଯାୟୀ, କୋଲ୍ ଥୋମାସ ଆଲେନ ଏକ ବନ୍ଧୁକ, ଏକ ପିସ୍ତଲ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଧରି ହ୍ୱାଇଟ୍ ହାଉସ୍ ଡିନର ପାର୍ଟିରେ ପହଞ୍ଚିଥିଲେ। ସେ ସୁରକ୍ଷା ବଳୟକୁ ଭେଦିବାକୁ ଚେଷ୍ଟା କରୁଥିବା ସମୟରେ ସୁରକ୍ଷାକର୍ମୀମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସନ୍ଦିଗ୍ଧ ବ୍ୟକ୍ତି ଏବଂ ସୁରକ୍ଷା ଅଧିକାରୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।

କୋଲ୍ ଥମାସ ଆଲେନ୍ ଆମେରିକାର କାଲିଫର୍ଣ୍ଣିଆର ଟୋରାନ୍ସର ବାସିନ୍ଦା ବୋଲି କୁହାଯାଉଛି । ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି, ବରଂ ବୈଷୟିକ କ୍ଷେତ୍ର ସହିତ ଜଡିତ ଜଣେ ଶିକ୍ଷିତ ବ୍ୟକ୍ତି। ସେ ଆମେରିକାର ପ୍ରତିଷ୍ଠିତ କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ମେକାନିକାଲ୍ ଇଞ୍ଜିନିୟରିଂ ପଢ଼ିଥିଲେ। ଏହା ପରେ, ସେ କମ୍ପ୍ୟୁଟର ସାଇନ୍ସରେ ଉଚ୍ଚ ଶିକ୍ଷା ମଧ୍ୟ ପାଇଥିଲେ। ଜଣେ ମେକାନିକାଲ୍ ଇଞ୍ଜିନିୟର ହେବା ସହିତ, ସେ ଜଣେ କମ୍ପ୍ୟୁଟର ବୈଜ୍ଞାନିକ ଏବଂ ଇଣ୍ଡି ଗେମ୍ ଡେଭଲପର ଭାବରେ ମଧ୍ୟ କାମ କରିଛନ୍ତି। ରିପୋର୍ଟ ଅନୁଯାୟୀ, ସେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାଶା)ର ଜେଟ୍ ପ୍ରପଲ୍ସନ୍ ଲାବୋରେଟୋରୀରେ ଏକ ଗ୍ରୀଷ୍ମକାଳୀନ ଗବେଷଣା ଫେଲୋସିପ୍ ମଧ୍ୟ ସମାପ୍ତ କରିଥିଲେ, ଯାହା ଯୋଗୁଁ ତାଙ୍କୁ 'ନାସା ଫେଲୋ' ଭାବରେ ଜଣାଶୁଣା।

ଏହି ଘଟଣାକୁ ଏକ ବଡ଼ ସୁରକ୍ଷା ତ୍ରୁଟି ବୋଲି ବିବେଚନା କରାଯାଉଛି। ଆକ୍ରମଣକାରୀ ସିଧାସଳଖ ଟ୍ରମ୍ପଙ୍କୁ ଟାର୍ଗେଟ କରୁଥିଲେ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏଫ୍‌ବିଆଇ ଏବଂ ଗୁଇନ୍ଦା ସେବା ଆକ୍ରମଣକାରୀଙ୍କ ଉଦ୍ଦେଶ୍ୟ ଏବଂ ପୃଷ୍ଠଭୂମି ତଦନ୍ତ କରୁଛନ୍ତି। ଏହା ପରେ ହିଁ ପ୍ରକୃତ କାରଣ ଜଣାପଡ଼ିବ। ତଥାପି, ଗୁଇନ୍ଦା ସେବା ଦ୍ୱାରା ଏତେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଆକ୍ରମଣକାରୀ କିପରି ଅସ୍ତ୍ରଶସ୍ତ୍ର ଧରି ହୋଟେଲରେ ପ୍ରବେଶ କରିପାରିଲା ସେ ବିଷୟରେ ପ୍ରଶ୍ନ ଉଠିଛି। ଏଫବିଆଇର ଏକ ବିବୃତ୍ତି ଅନୁଯାୟୀ, ସନ୍ଦିଗ୍ଧ ଆକ୍ରମଣକାରୀ ୩୦ ବର୍ଷ ବୟସ୍କ ଏବଂ କାଲିଫର୍ନିଆର ବାସିନ୍ଦା। ଆକ୍ରମଣକାରୀ ସୁରକ୍ଷା ବଳୟ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ବର୍ତ୍ତମାନ, ତାଙ୍କୁ ପଚରାଉଚରା କରାଯାଉଛି। ଗୁଳିକାଣ୍ଡକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ରବିବାର ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ସେ ଏହି ଘଟଣାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାର ଏକ ପ୍ରୟାସ ବୋଲି କହିଛନ୍ତି। ନେତାନ୍ୟାହୁ ଲେଖିଛନ୍ତି ଯେ, ୱାଶିଂଟନ ଡିସିରେ ରାଷ୍ଟ୍ରପତିଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ଖବର ଶୁଣି ସେ ଏବଂ ତାଙ୍କ ପତ୍ନୀ ସାରା ନେତାନ୍ୟାହୁ ଅତ୍ୟନ୍ତ ମର୍ମାହତ। ତେବେ ରାଷ୍ଟ୍ରପତି ଓ ପ୍ରଥମ ମହିଳା ସୁରକ୍ଷିତ ଥିବାରୁ ସେ ଆଶ୍ୱସ୍ତି ପ୍ରକାଶ କରିବା ସହ ଆତତାୟୀକୁ କାବୁ କରିଥିବା ଆମେରିକୀୟ ସିକ୍ରେଟ ସର୍ଭିସର ସାହସିକତାକୁ ସାଲ୍ୟୁଟ୍ କରିଛନ୍ତି। ଏହି ସଂଘର୍ଷରେ ଆହତ ହୋଇଥିବା ସୁରକ୍ଷା ଅଧିକାରୀଙ୍କ ଶୀଘ୍ର ଆରୋଗ୍ୟ କାମନା କରି ସେ ଏହି ଘୃଣ୍ୟ କାର୍ଯ୍ୟକୁ କଡ଼ା ନିନ୍ଦା କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର,(ଜା.ପ୍ର): ଆସନ୍ତାକାଲି ଅର୍ଥାତ ସୋମବାର ଭୁବନେଶ୍ୱର ୟୁନିଟ-୨, ଅଶୋକ ନଗର ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ନିକଟରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିବା ପାଇଁ ଅନ୍ ଲାଇନ୍ ପଞ୍ଜୀକରଣ କରିଥିଲେ, ସେମାନଙ୍କ ପାଇଁ ଭୁବନେଶ୍ୱର ଠାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବସ୍‌ରେ ବିସ୍ଫୋରଣ, ୧୪ ମୃତ

ନୂଆଦିଲ୍ଲୀ,(ଏଜେନ୍ସି): କଲମ୍ବିଆର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ହିଂସା ପୁଣି ଥରେ ଭୟଙ୍କର ରୂପ ନେଇଛି। ଏକ ବସ୍‌ରେ ଶକ୍ତିଶାଳୀ ବିସ୍ଫୋରଣ ଘଟି ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୭ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେନା ମୁଖ୍ୟ ସ୍ପଷ୍ଟ ଭାବରେ ଏହି ଆକ୍ରମଣକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ରିପୋର୍ଟ ଅନୁଯାୟୀ, କାଉକା ଅଞ୍ଚଳର କାଜିବିଓ ଅଞ୍ଚଳର ପାନାମେରିକାନ୍ ହାଇୱେରେ ବସ୍‌ଟି ଯାତ୍ରୀଙ୍କୁ ନେଇ ଯାଉଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଅଞ୍ଚଳର ରାଜ୍ୟପାଳ ଅକ୍ଟାଭିଓ ଗୁଜମାନ କହିଛନ୍ତି, ବିସ୍ଫୋରକ ଡିଭାଇସ୍ ରାସ୍ତାରେ ରଖାଯାଇଥିଲା। ବସ୍‌ଟି ଯିବା ସମୟରେ ବିସ୍ଫୋରଣ ହୋଇଥିଲା। ଆହତଙ୍କ ମଧ୍ୟରେ ପାଞ୍ଚ ଜଣ ପିଲା ମଧ୍ୟ ଅଛନ୍ତି। କାଉକାର ସ୍ୱାସ୍ଥ୍ୟ ସଚିବ କାରୋଲିନା କାମାରଗୋ ନୋଟିସିଆସ୍ କାରାକୋଲକୁ କହିଛନ୍ତି, ଆହତମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। କଲମ୍ବିଆନ୍ ସଶସ୍ତ୍ର ବାହିନୀ କମାଣ୍ଡର ଜେନେରାଲ ହୁଗୋ ଲୋପେଜ୍ ଏହି ଆକ୍ରମଣ ପାଇଁ ଇଭାନ୍ ମୋର୍ଡିସ୍କୋ ନାମକ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ଏବଂ ଜାଇମ୍ ମାର୍ଟିନେଜ୍ ଗୋଷ୍ଠୀର ନେଟୱାର୍କକୁ ଦାୟୀ କରିଛନ୍ତି। ଉଭୟ ଗୋଷ୍ଠୀ ପୂର୍ବତନ କଲମ୍ବିଆର ବିପ୍ଳବୀ ସଶସ୍ତ୍ର ବାହିନୀର ବିଚ୍ଛିନ୍ନ ଗୋଷ୍ଠୀ। ସେମାନେ ୨୦୧୬ ଶାନ୍ତି ଚୁକ୍ତିକୁ ସ୍ୱୀକାର କରନ୍ତି ନାହିଁ।

## ପୁଣି ବଢ଼ିଲା ଇରାନ-ଆମେରିକା ଯୁଦ୍ଧ ଚିନ୍ତା

ତେହେରାନ/ୱାଶିଂଟନ୍ ଡିସି,(ଏଜେନ୍ସି): ଯାହା ଆଶଙ୍କା ଥିଲା ତାହା ହିଁ ହୋଇଛି। ଆମେରିକା ଏବଂ ଇରାନ୍ ମଧ୍ୟରେ ୨ୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପ୍ରୟାସ ମଧ୍ୟ ବିଫଳ ହୋଇଛି। ରିପୋର୍ଟ ଅନୁସାରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଘଚି ଶନିବାର ସନ୍ଧ୍ୟାରେ ଆମେରିକୀୟ ଅଧିକାରୀମାନଙ୍କୁ ନଭେଟି ଇସଲାମାବାଦ୍‌ରୁ ଫେରିଯାଇଛନ୍ତି। ତେବେ ସେ ଇସଲାମାବାଦ୍ ଛାଡିବା ପୂର୍ବରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ, ସେନା ମୁଖ୍ୟ ଆସିମ ମୁନିର ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି ଏବଂ ଇରାନ୍ ପକ୍ଷରୁ ଯାହା କିଛି ବି ସର୍ତ୍ତ ରହିଛି ଏବଂ ଆମେରିକାର ଦାବି ଉପରେ ଇରାନ୍‌ର ଆପତ୍ତିସବୁକୁ ଦସ୍ତାବିଜ ରୂପେ ହସ୍ତାନ୍ତର କରିଛନ୍ତି। ପ୍ରକାଶ, ଏହି ଆଲୋଚନା ପ୍ରକ୍ରିୟା ପୂର୍ବରୁ ହିଁ ଇରାନ ଆମେରିକା ସହ ସିଧାସଳଖ କଥାବାର୍ତ୍ତା କରିବାକୁ ମନା କରିଦେଇଥିଲା। ସୁତରାଂ ଅରାଘାଚିଙ୍କ ନେତୃତ୍ୱାଧୀନ ଇରାନୀ ପ୍ରତିନିଧି ମଣ୍ଡଳୀ, ପାକିସ୍ତାନ କର୍ତ୍ତୃପକ୍ଷଙ୍କ ସହ ହିଁ ଏକପାଖିଆ ଆଲୋଚନା କରିଛନ୍ତି। ଇରାନ୍ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଇସମାଇଲ ବଘେଇ କହିଛନ୍ତି ଯେ, ଇରାନ ନିଜର ପକ୍ଷ ପାକିସ୍ତାନ ଜରିଆରେ ହିଁ ଆମେରିକା ପାଖରେ ପହଞ୍ଚାଇବ। ଯେପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀରୁ ଆମେରିକା ନିଜ ନୌସେନାର ପ୍ରତିବନ୍ଧକକୁ ପ୍ରତ୍ୟାହାର ନକରିଛି ସେପର୍ଯ୍ୟନ୍ତ ଆମେରିକା ସହ କୌଣସି ପ୍ରକାର ଆଲୋଚନା ହେବନାହିଁ।

ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ, ନିଜ ଦୂତ ଷ୍ଟିଭ୍ ୱିଟକଫ୍ ଏବଂ ଜ୍ୱାଇଁ ଜେରେଡ୍ କୁଶନରଙ୍କ ପାକିସ୍ତାନ ଗସ୍ତ ବାତିଲ କରିଦେଇଛନ୍ତି। ଏହି ଦୁଇଜଣ ଇରାନ ସହ କଥାବାର୍ତ୍ତା ପାଇଁ ଇସଲାମାବାଦ ଯିବାର କାର୍ଯ୍ୟକ୍ରମ ଥିଲା। ଫକ୍ସ ନ୍ୟୁଜ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ଆଲୋଚନା କରିବାକୁ ଚାହୁଁଛି, ତେବେ ଇରାନ୍ ନିଜେ ଆମେରିକା ସହ ଯୋଗାଯୋଗ କରିପାରିବ। ସୂଚନାଯୋଗ୍ୟ, ଇରାନ ନିଜର ଆଲୋଚନା ପାଇଁ ପାକିସ୍ତାନକୁ ମଧ୍ୟସ୍ଥି ଭାବେ ବ୍ୟବହାର କରୁଛି, ଯେତେବେଳେ କି ଟ୍ରମ୍ପ ସିଧାସଳଖ ଯୋଗାଯୋଗ ଉପରେ ଜୋର୍ ଦେଇଛନ୍ତି। ତେବେ ଇରାନ୍ ଏବଂ ଆମେରିକାର ଏପ୍ରକାର ଆଭିମୁଖ୍ୟ ଯୋଗୁ ପଶ୍ଚିମ ଏସିଆର ଭୂ-ରାଜନୈତିକ ସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ସମ୍ବେଦନଶୀଳ ମୋଡ଼ରେ ରହିଛି। ପ୍ରକାଶ, ପାକିସ୍ତାନର ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ୧୧-୧୨ ଏପ୍ରିଲରେ ଇସଲାମାବାଦଠାରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨୧ ଘଣ୍ଟା ଧରି ଏହି ବାର୍ତ୍ତାଳାପ ଚାଲିଥିଲେ ସୁଦ୍ଧା ଏହା ବିଫଳ ହୋଇଥିଲା। ବିଶେଷ କରି ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ଏବଂ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଦୁଇ ଦେଶ ମଧ୍ୟରେ ସହମତି ହୋଇପାରିନଥିଲା। ଆମେରିକା ଚାହୁଁଛି ଯେ ଏହି ପଥ ଦେଇ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ମୁକ୍ତ ଏବଂ ସୁରକ୍ଷିତ ରହୁ।

CMYK CMYK

ଜାତୀୟ ଚେତନା
JATIYA CHETANA



# ପରଲୋକରେ ରଘୁ ରାୟ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ବିଭିନ୍ନ ଦିଗକୁ ତାଙ୍କ ଦୃଷ୍ଟିକୋଣକୁ କଏଦ କରିବା ଦିଗରେ ଜଣାଶୁଣା ଦେଶର ଜଣେ ପ୍ରସିଦ୍ଧ ଫଟୋଗ୍ରାଫର ରଘୁ ରାୟଙ୍କ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଦେହାନ୍ତ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ତାଙ୍କର ଶେଷକୃତ୍ୟ ଲୋଧି ଶ୍ମଶାନରେ ସମ୍ପନ୍ନ ହୋଇଛି। ରଘୁନାଥ ରାୟଙ୍କ ଜନ୍ମ ୧୮ ଡିସେମ୍ବର ୧୯୪୨ ରେ ପଞ୍ଜାବର ଝାଙ୍ଗରେ (ବର୍ତ୍ତମାନ ପାକିସ୍ତାନର ଅଂଶ) ହୋଇଥିଲା। ସେ ଫଟୋଗ୍ରାଫି ଉପରେ ଅନେକ ପୁସ୍ତକ ମଧ୍ୟ ଲେଖିଥିଲେ। ଭାରତୀୟ ଫଟୋଗ୍ରାଫି ଏବଂ ଫଟୋ ସାମ୍ବାଦିକତାରେ ରଘୁ ରାୟଙ୍କ କ୍ୟାରିଅର ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଯାଏଁ ବ୍ୟାପିଛି। ସେ ଦେଶର ଜରୁରୀକାଳୀନ ପରିସ୍ଥିତିରୁ ଭୋପାଳ ଗ୍ୟାସ୍ ଟ୍ରାଜେଡି ପର୍ଯ୍ୟନ୍ତ ସବୁକିଛି ତାଙ୍କ କ୍ୟାମେରା ଲେନ୍ସ ମାଧ୍ୟମରେ କଏଦ କରିଥିଲେ। ଏହା ବ୍ୟତୀତ, ସେ ଭାରତ ଏବଂ ବିଶ୍ୱ ଉଭୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକର ଡକ୍ୟୁମେଣ୍ଟେସନ୍ କରିଥିଲେ। ତାଙ୍କ ଦ୍ୱାରା ନିଆଯାଇଥିବା ଅନେକ ଐତିହାସିକ ଫଟୋଗ୍ରାଫ ଆଜି ପର୍ଯ୍ୟନ୍ତ ରହିଛି – କେବଳ ପ୍ରତିଛବି ଭାବରେ ନୁହେଁ, ବରଂ ଜୀବନ୍ତ ଐତିହାସିକ ଦଲିଲ ଭାବରେ ମଧ୍ୟ ଏସବୁ ବିବେଚିତ। ୪ ଡିସେମ୍ବର, ୧୯୮୪ରେ ସେ ଉଠାଇଥିବା ଭୋପାଳ ଗ୍ୟାସ୍ ଦୁର୍ଘଟଣାର ଫଟୋଗ୍ରାଫ୍ କେହି କେବେ ଭୁଲିପାରିବେ ନାହିଁ। ଏହା ସେହି ସମୟର ଏକ କଳା ଧଳା ଚିତ୍ର ଥିଲା। ଯେତେବେଳେ ଏହି ଫଟୋଗ୍ରାଫ୍ ବାହାରିଲା, ଏହା ସମଗ୍ର ବିଶ୍ୱରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ଆଜି ମଧ୍ୟ, ଯେଉଁମାନେ ଏହି ଫଟୋଗ୍ରାଫ୍ ଦେଖନ୍ତି, ସେମାନେ ଜାଣିପାରନ୍ତି ଯେ ଏହା ସେହି ସମୟରେ ଘଟିଥିବା ଦୁଃଖଦ ଘଟଣାର ଯନ୍ତ୍ରଣାକୁ ସ୍ପଷ୍ଟ ଭାବରେ ପ୍ରକାଶ କରେ। ରଘୁଙ୍କ ଦ୍ୱାରା ପ୍ରଥମେ ନିଆଯାଇଥିବା ଭୋପାଳ ଦୁର୍ଘଟଣାର ଏହି ଫଟୋଗ୍ରାଫ୍ ପରେ ସ୍ୱାଧୀନ ଫଟୋ ସାମ୍ବାଦିକ ପାବ୍ଲୋ ବାର୍ଥୋଲୋମିଉଙ୍କ ଦ୍ୱାରା ଏହାକୁ ଏକ ରଙ୍ଗୀନ ଚିତ୍ରରେ ପରିଣତ କରାଯାଇଥିଲା। ଆଜି ରଘୁନାଥ ରାୟ ଆମ ଗହଣରେ ନାହାନ୍ତି ସତ କିନ୍ତୁ ଏଭଳି ଜଣେ ପ୍ରସିଦ୍ଧ ଫଟୋଗ୍ରାଫର ତଥା ଫଟୋ ଜର୍ଣ୍ଣାଲିଷ୍ଟଙ୍କୁ ତାଙ୍କର ମହତ ଅବଦାନ ପାଇଁ ସାରା ଭାରତ ଏବଂ ଭାରତର ସାମ୍ବାଦିକତା ଜଗତ ଚିରକାଳ ମନେରଖିବ।

# ଆନ୍ଧ୍ରରେ ୪୨୧ ପେଟ୍ରୋଲ ପମ୍ପ ବନ୍ଦ

ନୂଆଦିଲ୍ଲୀ,(ଏଜେନ୍ସି): ଆନ୍ଧ୍ରପ୍ରଦେଶର ମୋଟ ୪,୫୧୦ଟି ଇନ୍ଧନ ଆଉଟଲେଟ୍ ମଧ୍ୟରୁ ପ୍ରାୟ ୪୨୧ଟି ପେଟ୍ରୋଲ ପମ୍ପ ଯୋଗାଣ ଜନିତ ସମସ୍ୟା କାରଣରୁ ବନ୍ଦ ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଦେଖାଦେଇଥିବା ପେଟ୍ରୋଲ ଓ ଡିଜେଲ ଅଭାବକୁ ନେଇ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହାର ସମାଧାନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ବିଳମ୍ବିତ ରାତିରେ ମୁମ୍ବାଇରୁ ଫେରିବା ସମୟରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବ ସାଇ ପ୍ରସାଦ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏକ ଟେଲି-କନଫରେନ୍ସ ମାଧ୍ୟମରେ ସ୍ଥିତିର ସମୀକ୍ଷା କରିଥିଲେ। ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ କଡ଼ା ଚେତାବନୀ ଦେଇଛନ୍ତି।

ସମୀକ୍ଷା ବୈଠକରେ ଅଧିକାରୀମାନେ ଜଣାଇଛନ୍ତି ଯେ, ଇନ୍ଧନ ଯୋଗାଣ ପୂର୍ବାପେକ୍ଷା ୧୦ ପ୍ରତିଶତ ବୃଦ୍ଧି ପାଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ବା 'ପାନିକ୍ ବାଇଙ୍ଗ'' ଯୋଗୁଁ ଚାହିଦା ଅହେତୁକ ଭାବେ ବଢ଼ିଯାଇଛି। ସାଧାରଣ ଦିନରେ ରାଜ୍ୟରେ ହାରାହାରି ୬,୩୩୦ କିଲୋଲିଟର ପେଟ୍ରୋଲ ଏବଂ ୯,୦୪୮ କିଲୋଲିଟର ଡିଜେଲ ବିକ୍ରି ହେଉଥିବା ବେଳେ, କେବଳ ଶନିବାର ଦିନ ଏହା ଯଥାକ୍ରମେ ୧୦,୩୪୫ ଏବଂ ୧୪,୧୫୬ କିଲୋଲିଟରକୁ ଛୁଇଁଛି। ଷ୍ଟକ୍ ସରିଯିବା ଭୟରେ ଲୋକମାନେ ଆବଶ୍ୟକତାଠାରୁ ଅଧିକ ତେଲ କିଣୁଥିବାରୁ ପେଟ୍ରୋଲ ପମ୍ପଗୁଡ଼ିକରେ ପ୍ରବଳ ଭିଡ଼ ଏବଂ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି।

## ବନଗାଓଁ ରାଲିରେ ବର୍ଷିଲେ ପ୍ରଧାନମନ୍ତ୍ରୀ

# 'ମା, ମାଟି, ମାନୁଷ'ଙ୍କୁ ଧୋକା ଦେଇଛି ଟିଏମ୍‌ସି



କୋଲକାତା,(ଏଜେନ୍ସି): 'ମା, ମାଟି ଓ ମାନୁଷ' କଥା କହି କ୍ଷମତାକୁ ଆସିଥିଲା ତୃଣମୂଳ କଂଗ୍ରେସ (ଟିଏମସି)। କିନ୍ତୁ ସେହି 'ମା, ମାଟି ଓ ମାନୁଷ'ଙ୍କୁ ଧୋକା ଦେଇଛି ତୃଣମୂଳ କଂଗ୍ରେସ। ଏବେ ସେମାନେ ମା, ମାଟି, ମାନୁଷ ଶବ୍ଦ ମଧ୍ୟ ଉଚ୍ଚାରଣ କରୁ ନାହାନ୍ତି। ଏହା ସେମାନଙ୍କ ପାପକୁ ପ୍ରକାଶ କରିଦେବ। ଟିଏମ୍‌ସିର ନିଷ୍ଠୁରତା ମା'କୁ କନ୍ଦାଇଛି, ମାଟିକୁ ସିଣ୍ଡିକେଟ୍ ଏବଂ ଅନୁପ୍ରବେଶକାରୀଙ୍କ ହାତରେ ଟେକି ଦେଇଛି ଏବଂ ବଙ୍ଗର ଲୋକମାନଙ୍କୁ ପ୍ରବାସ କରିବାକୁ ବାଧ୍ୟ କରିଛି।' ରବିବାର ଏମିତି କହି ପଶ୍ଚିମବଙ୍ଗର ତୃଣମୂଳକ କଂଗ୍ରେସ ସରକାରଙ୍କୁ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ସମସ୍ତ ରାଜନୈତିକ ଦଳ ପ୍ରଚାରରେ ବ୍ୟସ୍ତ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ ଆଜି ବନଗାଓଁରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ରାଜ୍ୟର ଶାସକ ଦଳ ତୃଣମୂଳ କଂଗ୍ରେସ ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ରାଲି ସମୟରେ କହିଥିଲେ ଯେ ବଙ୍ଗରେ ସବୁକିଛି ଅଛି। ବଙ୍ଗଳାର ଲୋକଙ୍କ ପାଖରେ ଅପାର ସମ୍ଭାବନା ଅଛି, ତେଣୁ ବଙ୍ଗ ପୁଣି ଥରେ ଦେଶର ନମ୍ବର ୱାନ୍ ରାଜ୍ୟ ହୋଇପାରିବ। ଆମକୁ କେବଳ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆହ୍ୱାନ ମନେ ରଖିବାକୁ ପଡିବ। ନେତାଜୀ କହିଥିଲେ, 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି।' ନେତାଜୀଙ୍କ ଡାକରାରେ ପ୍ରତିକ୍ରିୟା ଦେଇ ଦେଶବାସୀ ସର୍ବସ୍ୱ ବଳିଦାନ ଦେଇଥିଲେ। ଆଜି ବଙ୍ଗଳାକୁ ତୁମର ଗୋଟିଏ ଭୋଟ୍ ଦରକାର। ଆମକୁ ତୁମର ଆଶୀର୍ବାଦ ଦିଅ, ତୁମର ଭୋଟ୍ ଦିଅ, ଏବଂ ଆମେ ତୁମକୁ ଟିଏମ୍‌ସି ଠାରୁ ମୁକ୍ତ କରିବୁ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଶାସକ ଦଳକୁ ଟାର୍ଗେଟ କରି କହିଥିଲେ, 'ଆମର ଭଉଣୀ ଏବଂ ଝିଅମାନେ ଟିଏମ୍‌ସିର ମହାନ୍ ଜଙ୍ଗଲ ରାଜର ସବୁଠାରୁ ବଡ଼ ଶିକାର ହୋଇଛନ୍ତି। ସେମାନଙ୍କୁ ସବୁଠାରୁ ଅଧିକ ବିଶ୍ୱାସଘାତ କରାଯାଇଛି, ଯାହା ଫଳରେ ଏଥର ସେମାନଙ୍କ ମଧ୍ୟରେ ସବୁଠାରୁ ଅଧିକ କ୍ରୋଧ ଦେଖିବାକୁ ମିଳୁଛି। ସନ୍ଦେଶଖାଲିରେ ଗୁଣ୍ଡାମାନେ ଭଉଣୀମାନଙ୍କ ଉପରେ ଅନ୍ୟାୟ କରିଚାଲିଥିଲେ। ନିଷ୍ଠୁର ଟିଏମ୍‌ସି ସରକାର ଗୁଣ୍ଡାମାନଙ୍କୁ ସମର୍ଥନ କରିଥିଲା। ଏଠାରେ ଭଉଣୀମାନଙ୍କୁ ନିର୍ଯାତନା ଦିଆଯାଇଥିଲା। ବଙ୍ଗଳାର ଭାଇ ଏବଂ ଭଉଣୀମାନେ, ଏହାକୁ କେବେ ଭୁଲିଯିବା ଉଚିତ୍ ନୁହେଁ।'

ପ୍ରଧାନମନ୍ତ୍ରୀ ଏହି ସମୟ ମଧ୍ୟରେ ବିଜେପିର ଯୋଜନାଗୁଡ଼ିକର ଉଲ୍ଲେଖ କରି କହିଥିଲେ, 'ବିଜେପି ସରକାର ଅଧୀନରେ ବଙ୍ଗଳାର ଭଉଣୀମାନଙ୍କୁ ସେମାନଙ୍କର ରୋଗ ପାଇଁ ଚିକିତ୍ସା ସ୍ଥଗିତ ରଖିବାକୁ ପଡ଼ିବ ନାହିଁ। ଆମ ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇବ। ଜନ ଔଷଧି କେନ୍ଦ୍ରଗୁଡ଼ିକରେ ୮୦ ପ୍ରତିଶତ ରିହାତିରେ ଔଷଧ ଯୋଗାଇ ଦିଆଯିବ। ସ୍ତନ ଏବଂ ଗର୍ଭାଶୟ କର୍କଟ ସ୍କ୍ରିନିଂ ଏବଂ ଟିକାକରଣ ମାଗଣାରେ ହେବ। ଏହା ସହିତ ବିଜେପି ସରକାର ଗର୍ଭଧାରଣ ସମୟରେ ୨୧,୦୦୦ ଏବଂ ସ୍ନାତକ ଝିଅମାନଙ୍କ ପାଇଁ ୫୦,୦୦୦ ଟଙ୍କା ସହାୟତା ପ୍ରଦାନ କରିବ। ଏହାର ଅର୍ଥ ହେଉଛି ବିଜେପି ସରକାର ଝିଅମାନଙ୍କ ଶିକ୍ଷା ଏବଂ ଔଷଧର ଯତ୍ନ ନେବ। ବଙ୍ଗଳାର ବିଜେପି ସରକାର ପ୍ରତିବର୍ଷ ମହିଳାଙ୍କ ଆକାଉଣ୍ଟରେ ୩୬,୦୦୦ ଟଙ୍କା ଜମା କରିବ। ଅଙ୍ଗନୱାଡ଼ି ଏବଂ ଅନ୍ୟାନ୍ୟ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ଦରମା ସମ୍ପର୍କରେ ବଙ୍ଗଳା ବିଜେପି ଏକ ବଡ଼ ଘୋଷଣା କରିଛି। ସରକାରୀ ଚାକିରିରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ନିଶ୍ଚିତ କରିଛି। ଏହାର ଅର୍ଥ ହେଉଛି ବିଜେପିର ଡବଲ-ଇଞ୍ଜିନ୍ ସରକାର ବଙ୍ଗଳାର ଭଉଣୀ ଏବଂ ଝିଅମାନଙ୍କ ପାଇଁ ଲାଭ ଦ୍ୱିଗୁଣିତ କରିବ।'

ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, 'ଯେପରି ଗଙ୍ଗୋତ୍ରୀ ଗଙ୍ଗାର ଉତ୍ସ, ସେହିପରି ବିଜେପି ଜନସଂଘର ଉତ୍ପତ୍ତି ଏବଂ ଜନସଂଘ ବଙ୍ଗଳାରେ ଉତ୍ପନ୍ନ ହୋଇଥିଲା। ବଙ୍ଗଳା ପ୍ରଥମ ଲୋକସଭା ନିର୍ବାଚନରେ ଜନସଂଘର ଖାତା ଖୋଲିଥିଲା। ସେତେବେଳେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ କୋଲକାତାରୁ ଜିତିଥିଲେ। ମୁଁ ମତୁଆ, ନାମାଶୁଦ୍ର ଏବଂ ଅନ୍ୟ ସମସ୍ତ ଶରଣାର୍ଥୀ ପରିବାରକୁ କହିବାକୁ ଚାହୁଁଛି ତୁମେ ମଧ୍ୟ ନାଗରିକତା ପାଇବ, ତୁମେ ଏକ ସ୍ଥାୟୀ ଠିକଣା ପାଇବ, ପ୍ରତ୍ୟେକ ଦଲିଲ, ଯେକୌଣସି ଭାରତୀୟ ନାଗରିକଙ୍କୁ ମିଳୁଥିବା ସମସ୍ତ ଅଧିକାର ପାଇବ। ଏହା ହେଉଛି ମୋଦିର ଗ୍ୟାରେଣ୍ଟି।'

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନିର୍ବାଚନ ପ୍ରଚାର ଅବସରରେ ପଶ୍ଚିମ ବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଠାକୁରନଗରରେ ମତୁଆ ସମ୍ପ୍ରଦାୟର ମୁଖ୍ୟ ମନ୍ଦିରରେ ପ୍ରାର୍ଥନା କରିଥିଲେ। ମତୁଆ ସମ୍ପ୍ରଦାୟର ସଂସ୍ଥାପକ ହରି ଚନ୍ଦ୍ର ଏବଂ ଗୁରୁ ଚନ୍ଦ ଠାକୁରଙ୍କ ମନ୍ଦିର ଥିବା ସମ୍ପ୍ରଦାୟର ମୁଖ୍ୟାଳୟରେ ନିର୍ବାଚନ ର୍‍ୟାଲି ପୂର୍ବରୁ ମୋଦୀ ପହଞ୍ଚିବା ଏହି ସମ୍ପ୍ରଦାୟର ଭୋଟରମାନଙ୍କ ନିକଟରେ ପହଞ୍ଚିବା ଏକ ପ୍ରୟାସ ଭାବେ ଦେଖାଯାଉଛି। ଏହି ଭୋଟରମାନେ ଅତିକମ୍‌ରେ ୩୪ ବିଧାନସଭା ଆସନ ଏବଂ ବାଂଲାଦେଶ ସୀମାକୁ ଲାଗିଥିବା ଦୁଇ ଡଜନ ଅନ୍ୟ ଆସନକୁ ସିଧା ପ୍ରଭାବିତ କରିଥାନ୍ତି।

## ପ୍ରଧାନମନ୍ତ୍ରୀଙ୍କ ୧୩୩ ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

# ଭାରତକୁ ଆଗକୁ ନେଉଛି ଅଦୃଶ୍ୟ ଶକ୍ତି

ନୂଆଦିଲ୍ଲୀ,(ଏଜେନ୍ସି): 'ଭାରତର ବିକାଶ ପାଇଁ ସୌର ଏବଂ ପବନ ଶକ୍ତି ଅତ୍ୟନ୍ତ ଜରୁରୀ। ଏହା କେବଳ ପରିବେଶ ବିଷୟରେ ନୁହେଁ, ଏହା ଆମର ଭବିଷ୍ୟତକୁ ସୁରକ୍ଷା ଦେବା ବିଷୟରେ। ଏଥିରେ ଆମ ସମସ୍ତଙ୍କର ଭୂମିକା ରହିଛି। ଆମକୁ ବିଦ୍ୟୁତ ସଂରକ୍ଷଣ କରିବାକୁ ଏବଂ ସ୍ୱଚ୍ଛ ଶକ୍ତି ଗ୍ରହଣ କରିବାକୁ ପଡ଼ି। ଆଜି ମୁଁ ଏଭଳି ଗୋଟିଏ ଶକ୍ତି ବିଷୟରେ କହିବାକୁ ଚାହୁଁଛି, ଯାହା ଅଦୃଶ୍ୟ, କିନ୍ତୁ ଯାହା ବିନା ଆମ ଜୀବନ ଗୋଟିଏ ମୁହୂର୍ତ୍ତ ମଧ୍ୟ ଚଳିପାରିବ ନାହିଁ। ଏହି ଶକ୍ତି ଭାରତକୁ ଆଗେଇ ନେଉଛି। ଏହା ହେଉଛି ଆମର ପବନ ଶକ୍ତି। ଆମ ପ୍ରାଚୀନ ଗ୍ରନ୍ଥମାନଙ୍କରେ କୁହାଯାଇଛି ଯେ, "ବାୟୁର୍ବା ଇତି ବ୍ୟଷ୍ଟିଃ, ବାୟୁରବୈ ସମଷ୍ଟିଃ" ଅର୍ଥାତ୍, ବାୟୁ କେବଳ ଗୋଟିଏ ତତ୍ତ୍ୱ ନୁହେଁ, ଏହା ଜୀବନର ଶକ୍ତି, ଏହା ସମଷ୍ଟିର ଶକ୍ତି। ଆଜି ଏହି ପବନ ଶକ୍ତି ଭାରତର ବିକାଶର ନୂଆ କାହାଣୀ ଲେଖି ଚାଲିଛି। ନିକଟରେ ଭାରତ ପବନ ଶକ୍ତିରେ ବଡ଼ ଉପଲବ୍ଧି ହାସଲ କରିଛି। ଏବେ ଭାରତର ପବନ ଶକ୍ତି ଉତ୍ପାଦନ କ୍ଷମତା ୫୬ ଗିଗାୱାଟରୁ ଅଧିକ ହୋଇସାରିଛି। କେବଳ ମାତ୍ର ଗତ ଏକବର୍ଷରେ ଏଥିରେ ପ୍ରାୟ ୬ ଗିଗାୱାଟ୍ ନୂତନ କ୍ଷମତା ଯୋଡ଼ିହୋଇଛି। ପବନ ଶକ୍ତି କ୍ଷେତ୍ରରେ ଭାରତ ଦ୍ରୁତଗତିରେ ଆଗେଇ ଚାଲିଛି ଏବଂ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛି। ଆଜି ଭାରତ ପବନ ଶକ୍ତି କ୍ଷମତାରେ ସମଗ୍ର ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ଏହା ଆମ ଇଞ୍ଜିନିୟର ଏବଂ ଯୁବବର୍ଗଙ୍କର ପରିଶ୍ରମ। ଏହା ଦେଶର ସାମୂହିକ ଇଚ୍ଛାଶକ୍ତିର ମଧ୍ୟ ପ୍ରତୀକ'। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଲ୍ ଇଣ୍ଡିଆ ରେଡିଓର ମାସିକ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୧୩୩ତମ ଏପିସୋଡ଼ରେ ଏହା କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଗୁଜରାଟ, ତାମିଲନାଡୁ, ମହାରାଷ୍ଟ୍ର, ରାଜସ୍ଥାନ ଏହିପରି ଦେଶର ଅନେକ ରାଜ୍ୟ ଏହି କ୍ଷେତ୍ରରେ ନିଜର ସଫଳତା ପ୍ରଦର୍ଶନ କରିଛନ୍ତିଙ୍ଫ ଗୁଜରାଟର କଚ୍ଛ, ପାଟନ, ବନାସକାଁଠା ଭଳି ଅଞ୍ଚଳ ଯେଉଁଠି ଆଗରୁ କେବଳ ମରୁଭୂମି ଦେଖାଯାଉଥିଲା, ଆଜି ସେଠାରେ ବଡ଼ ବଡ଼ ନବୀକରଣୀୟ ଶକ୍ତି ପାର୍କ ତିଆରି ହେଉଛି। ଏହାର ଲାଭ ଯୁବବର୍ଗଙ୍କୁ ମିଳୁଛିଙ୍ଫ ନୂଆ ସୁଯୋଗ ସୃଷ୍ଟି ହେଉଛିଙ୍ଫ ନୂଆ ନୂଆ କୌଶଳ ବିକଶିତ ହେଉଛି, ରୋଜଗାରର ନୂଆ ବାଟ ଫିଟୁଛିଙ୍ଫ ଭାରତର ବିକାଶ ପାଇଁ ସୌର ଏବଂ ପବନ ଶକ୍ତିର ଆବଶ୍ୟକତା ରହିଛି। ଏହା କେବଳ ପରିବେଶ କଥା ନୁହେଁ ଏହା ଆମ ଭବିଷ୍ୟତର ସୁରକ୍ଷା। ଏଥିରେ ଆମ ସମସ୍ତଙ୍କ ଭୂମିକା ରହିଛି। ଆମକୁ ବିଜୁଳି ସଞ୍ଚୟ କରିବାକୁ ହେବ, ଆମକୁ ସ୍ୱଚ୍ଛଶକ୍ତି ଆପଣାଇବାକୁ ହେବ। ଦେଶରେ ପ୍ରତ୍ୟେକ ସ୍ତରରେ ଏଭଳି ପ୍ରଚେଷ୍ଟାର ଆବଶ୍ୟକତା ରହିଛି । କାରଣ ଏଥିରୁ ହିଁ ବଡ଼ ପରିବର୍ତ୍ତନ ହେବ ବୋଲି ମୋଦୀ କହିଛନ୍ତି। ସେହିପରି ମୋଦୀ କହିଛନ୍ତି ଭାରତ ବିଜ୍ଞାନକୁ ସର୍ବଦା ଦେଶର ପ୍ରଗତି ସହ ଯୋଡ଼ି ଦେଖିଛି। ଏହି ଚିନ୍ତାଧାରା ସହ ଆମ ବୈଜ୍ଞାନିକମାନେ ବେସାମରିକ ପରମାଣୁ କାର୍ଯ୍ୟକ୍ରମକୁ ଆଗେଇ ନେଉଛନ୍ତି। ସେମାନଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ ରାଷ୍ଟ୍ରନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି। ଏହାଦ୍ୱାରା ଆମର ଶିଳ୍ପ ବିକାଶ, ଶକ୍ତିକ୍ଷେତ୍ର, ସ୍ୱାସ୍ଥ୍ୟକ୍ଷେତ୍ରକୁ ବହୁତ ଲାଭ ହୋଇଛି। ଚାଷବାସଠାରୁ ଆରମ୍ଭ କରି ଆଧୁନିକ ଉଦ୍ଭାବକମାନଙ୍କୁ ମଧ୍ୟ ଭାରତର ବେସାମରିକ ପରମାଣୁ କାର୍ଯ୍ୟକ୍ରମର ବହୁତ ସାହାଯ୍ୟ କରିଛି। ମାତ୍ର କିଛିଦିନ ପୂର୍ବେ ଆମର ପରମାଣୁ ବୈଜ୍ଞାନିକ ଗୋଟିଏ ବହୁତ ବଡ଼ ଉପଲବ୍ଧି ସହିତ ଭାରତର ଗୌରବ ବୃଦ୍ଧି କରିଛନ୍ତି। ତାମିଲନାଡୁର କଳ୍ପକ୍କମରେ ଫାଷ୍ଟ ବ୍ରେଡର ରିଆକ୍ଟର ସଙ୍କଟ ହାସଲ କରିସାରିଛି। ପ୍ରକୃତରେ, ଗୁରୁତରତା ହେଉଛି ସେହି ସ୍ଥିତି, ଯେଉଁଥିରେ ରିଆକ୍ଟର ପ୍ରଥମ ଥର ଆତ୍ମନିର୍ଭରଶୀଳ ନ୍ୟୁକ୍ଲିୟର ଶୃଙ୍ଖଳ ପ୍ରତିକ୍ରିୟାରେ ସଫଳତା ହାସଲ କରିଥାଏ। ଏହି ଅବସ୍ଥାର ଅର୍ଥ ହେଉଛି, ରିଆକ୍ଟର କାର୍ଯ୍ୟ ପର୍ଯ୍ୟାୟରେ ପହଞ୍ଚିବା। ଭାରତର ପରମାଣୁ ଶକ୍ତି ଯାତ୍ରାରେ ଏହା ଏକ ଐତିହାସିକ ମାଇଲଖୁଣ୍ଟ। ଆଉ ବଡ଼ କଥା ମଧ୍ୟ ହେଲା ଯେ, ପରମାଣୁ ରିଆକ୍ଟରଟି ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବୋଲି ମୋଦୀ କହିଛନ୍ତି। ସେହିପରି ମୋଦୀ ସ୍ଥାନୀୟ ବାଉଁଶ ସାମଗ୍ରୀକୁ ଉପହାର ଭାବେ ବ୍ୟବହାର କରିବା ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି। ଉତ୍ତର-ପୂର୍ବ ବାଉଁଶ ସେକ୍ଟରର ସଫଳତା ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ଏକଦା ଯେଉଁ ଜିନିଷକୁ ବୋଝ ବୋଲି ବିବେଚନା କରାଯାଉଥିଲା, ଆଜି ତାହା ରୋଜଗାର, କାରବାର ଓ ନବସୃଜନକୁ ନୂଆ ଗତି ପ୍ରଦାନ କରୁଛି।

ଜାତୀୟ ଚେତନା
JATIYA CHETANA



## ବଢୁଛନ୍ତି ରୋଗୀ, ଖାଲି ପଡ଼ିଛି ପଦବୀ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ବର୍ଷକୁ ବର୍ଷ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଡାକ୍ତରଙ୍କ ଠାରୁ ଫର୍ମାସିଷ୍ଟ ଓ ନର୍ସଙ୍କ ପର୍ଯ୍ୟନ୍ତ ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ପୂରଣ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ରୋଗୀମାନେ ଘରୋଇ ଡାକ୍ତରଖାନାକୁ ଯିବାକୁ ଏକ ପ୍ରକାର ବାଧ ହେଉଛନ୍ତି। ୨୦୨୦-୨୧ ମସିହାରେ ରାଜ୍ୟରେ ସରକାରୀ ଡାକ୍ତରଖାନାର ବର୍ହିଃବିଭାଗରେ ୫କୋଟି ୬୯ଲକ୍ଷ ରୋଗୀ ଚିକିତ୍ସିତ ହୋଇଥିବାବେଳେ ୨୦୨୧-୨୨ବର୍ଷରେ ଏହା ସାଢ଼େ ୬ କୋଟିକୁ ଅତିକ୍ରମ କରିଥିଲା। ୨୦୨୨-୨୩ ବର୍ଷରେ ଏହା ୮କୋଟି ୪୦ଲକ୍ଷକୁ ଟପିଥିବାବେଳେ ୨୦୨୩-୨୪ ରେ ସାଢ଼େ ୯ କୋଟିରେ ପହଞ୍ଚିଥିଲା। ତେବେ ୨୦୨୪-୨୫ ବର୍ଷରେ ଏହା ୧୦କୋଟି ୫୬ଲକ୍ଷକୁ ଅତିକ୍ରମ କରିଯାଇଛି। କେବଳ ବର୍ହିଃବିଭାଗ ନୁହେଁ, ଏହି ବର୍ଷଗୁଡିକରେ ଡାକ୍ତରଖାନରେ ଭର୍ତ୍ତିହୋଇ ଚିକିତ୍ସିତ ହୋଇଥିବା ଇନ୍‌ଡୋର ରୋଗୀମାନଙ୍କର ସଂଖ୍ୟା ବି ବଢ଼ିଛି। ୨୦୨୪-୨୫ ବର୍ଷରେ ଏଭଳି ରୋଗୀଙ୍କ ସଂଖ୍ୟା ୫ କୋଟିକୁ ଟପିଛି। ରୋଗୀମାନଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସଂଖ୍ୟକ ଚିକିତ୍ସକ ନାହାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ ପ୍ରତି ୧୦୦୦ ଲୋକଙ୍କ ପାଇଁ ଜଣେ ଡାକ୍ତର ନିଯୁକ୍ତି ହେବାକୁ ଥିବାବେଳେ ଓଡିଶାରେ ୧୨୭୫ ଲୋକଙ୍କ ପାଇଁ ରାଜ୍ୟରେ ଜଣେ ଡାକ୍ତର ରହିଛନ୍ତି। ତେବେ ରାଜ୍ୟରେ ପାଖପାଖି ୪ହଜାର ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ସ୍ଥିତି କେତେକ ସ୍ଥାନରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ବିଶେଷକରି ଜିଲ୍ଲାସ୍ତରୀୟ ଡାକ୍ତରଖାନାଗୁଡ଼ିକରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡୁଥିବାରୁ ରୋଗୀମାନେ ବାଧହୋଇ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ସାଜ ସରଞ୍ଜାମ ଓ ଶଲ୍ୟ ଚିକିତ୍ସିକ ରହୁଥିଲେ ମଧ ଅନେକ ସ୍ଥାନରେ ନିଶ୍ଚେତକ ଡାକ୍ତରଙ୍କ ଅନୁପସ୍ଥିତ ପାଇଁ ଛୋଟକାଟର ଅପରେସନ ବି ହୋଇପାରୁ ନାହିଁ। କେବଳ ଡାକ୍ତର ନୁହନ୍ତି ସରକାରୀ ଡାକ୍ତରଖାନାଗୁଡିକରେ ନର୍ସଙ୍କ ଠାରୁ ଆରମ୍ଭ କରି ଫର୍ମାସିଷ୍ଟଙ୍କ ପର୍ଯ୍ୟନ୍ତ ବହୁ ମଞ୍ଜୁରୀପ୍ରାପ୍ତ ପଦ ପଦବୀ ଖାଲି ପଡ଼ିଛି। ରାଜ୍ୟରେ ୨୧,୩୯୪ ମଞ୍ଜୁରୀପ୍ରାପ୍ତ ନର୍ସିଂ ଅଫିସର ପଦବୀ ମଧ୍ୟରୁ ୬୨୩୧ ପଦବୀ ଖାଲି ଥିବାବେଳେ ୨୭୨୨ଫର୍ମାସିଷ୍ଟ ପଦବୀ ମଧ୍ୟରୁ ୧୩୭୬ ଖାଲି ପଡ଼ିଛି। ୧୫୧୧ ଲାବରୋଟାରୀ ଟେକ୍ନିସିଆନ ପଦବୀ ମଧ୍ୟରୁ ୫୦୫ଟି ଖାଲି ଥିବାବେଳେ ୬୬୩ ରେଡିଓଗ୍ରାଫର ପଦବୀ ମଧ୍ୟରୁ ୨୪୦ ଖାଲି ପଡ଼ିଛି। ସେହିଭଳି ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ଥିବା ୩୯୦ ଟି ପ୍ରଫେସର ପଦବୀ ମଧ୍ୟରୁ ୧୩୮ଟି ଖାଲି ଥିବାବେଳେ ୫୯୧ ସହଯୋଗୀ ପ୍ରଫେସର ପଦବୀରୁ ୩୬୨ଟି ଓ ୧୦୭୮ ସହକାରୀ ପ୍ରଫେସର ପଦବୀ ମଧ୍ୟରୁ ୫୨୬ଟି ଖାଲି ପଡ଼ିଛି।

## ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ପାରଳା ମହାରାଜାଙ୍କ ନାମ

ଭୁବନେଶ୍ୱର,(ଜା.ପ୍ର): ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରକାଶ ଯେ ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତା ରାଧାମଣି ଦେବୀଙ୍କର କୋଳମଣ୍ଡନ କରିଥିଲେ। ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ



ଜୀବନର ଅବସାନ ଘଟିଥିଲା। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ। ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ସଦସ୍ୟବୃନ୍ଦ, ପାରଳା ଗଜପତି ବିକାଶ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ‘ଚାଷୀଙ୍କ ଆୟ ବହୁଗୁଣିତ କରିବା ଆମ ଲକ୍ଷ୍ୟ’

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ। ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇ ନେବା ଆବଶ୍ୟକ। ଆମର ଲକ୍ଷ୍ୟ କେବଳ ଚାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବହୁଗୁଣିତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଶ୍ୱ ପ୍ରାଣିଚିକିତ୍ସା ଦିବସ ଅବସରରେ ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଏଥିସହ ପ୍ରାଣିସମ୍ପଦ, ପ୍ରାଣିସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି।

ଏହି ଅବସରରେ ପ୍ରାଣିସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଆଜି ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ଟି ପ୍ରାଣିଚିକିତ୍ସାଳୟ ଓ ୪ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି। ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣିଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି ପିଏସ୍‌ୟୁ ସହ ଏମ୍‌ଓୟୁ ମଧ ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି ଅବସରରେ ଓପୋଲଫେଡ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ ‘ଅସିଲ୍’ ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିବାବେଳେ ଏହା କୁକୁଡ଼ାପାଳକମାନଙ୍କୁ ଉଚିତ ମୂଲ୍ୟ ଦେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆ ଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ ହୋଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାଣିଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି। ପ୍ରକୃତରେ ସେମାନେ ମହାନ। ଜୀବଜନ୍ତୁମାନଙ୍କ ପାଇଁ ଆମ ଭେଟନାରୀ ଡାକ୍ତରମାନେ ସାକ୍ଷାତ ଭଗବାନ। ରାଜ୍ୟରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି। ୧,୪୨୩ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚବର୍ଷରେ ୧୫ ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ। ଉଚ୍ଚ ଦୁଗ୍ଧ ଉତ୍ପାଦନକାରୀ ଗାଈ ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି। ସେହିପରି ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋ-ଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। କୁକୁଡ଼ାପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣିସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଚଳିତ ବର୍ଷର ପ୍ରସଙ୍ଗ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣିଚିକିତ୍ସକ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ଅର୍ଥନୀତିରେ ପ୍ରାଣିସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି। ସେ କହିଥିଲେ ଯେ, ପ୍ରାଣୀ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସମନ୍ୱୟ କରି ଓ୍ୱାନ ହେଲ୍ଥଆଭିମୁଖ୍ୟକୁ ଆହୁରି ସୁଦୃଢ କରିବା ଆବଶ୍ୟକ। ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁସାରେ ରାଜ୍ୟକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ। ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି। ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ହାତପାହାନ୍ତାରେ ପହଞ୍ଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ ’ଏ-ହେଲ୍ଥ’ (ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ) ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କର୍ମୀମାନେ ଗ୍ରାମାଞ୍ଚଳରେ ଟୀକାକରଣ କ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସଫଳ ପ୍ରାଣିଚିକିତ୍ସକ, ପ୍ରାଣିପାଳକ ଓ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣିଚିକିତ୍ସକଙ୍କର ପ୍ରମୁଖ ଭୂମିକା ରହିଛି। ପ୍ରାଣୀଙ୍କଠାରୁ ବ୍ୟାପୁଥିବା ରୋଗକୁ ପ୍ରତିହତ କରିବା ସହ ସମାଜର ପ୍ରଥମ ପ୍ରତିରକ୍ଷା ବଳୟଭାବେ ପ୍ରାଣିଚିକିତ୍ସକମାନେ ସେବା ପ୍ରଦାନ କରିଥାନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କମିଶନର ତଥା ଶାସନ ସଚିବ ପ୍ରେମ ଚାନ୍ଦ ଚୌଧରୀ ଏବଂ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁ ଜଗନ୍ନାଥଙ୍କୁ ଅସମ୍ମାନ, ମିନି ଟ୍ରକ୍‌ରେ ବୁଲାଇଲେ ସହର

ଭୁବନେଶ୍ୱର,(ଜା.ପ୍ର): ଅନେକ ବାରଣ ସତ୍ତ୍ୱେ ବିଦେଶରେ ପୁଣି ତିଥି ବାହାରେ ରଥଯାତ୍ରା ପାଳିଛି ଇସ୍କନ। ଆମେରିକାର ହ୍ୟୁଷ୍ଟନରେ ୧୫ଦିନ ତଳେ ଏଭଳି ଏକ ରଥଯାତ୍ରା ଆୟୋଜନ କରିଥିଲା- ଯାହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ କ୍ଷୁବ୍ଧ କରିଛି। ଗତ ଏପ୍ରିଲ୍ ୧୧ ତାରିଖରେ କେମିତି ଅତିଥିରେ ଚତୁର୍ଦ୍ଧା ବିଗ୍ରହଙ୍କୁ ରଥରେ ବସାଇ ସହର ବୁଲାଇଛି ଇସ୍କନ। ଆଉ ସେ ରଥ ଆଗରେ ଏକ ଖୋଲା ମିନିଟ୍ରକ୍ ଡାଲାରେ ଜଗନ୍ନାଥଙ୍କର ଏକ ବିକୃତ ବିଗ୍ରହକୁ ବି ବସାଇଥିଲା। ଯେଉଁଠି ଜଗନ୍ନାଥଙ୍କ ଦୁଇ ହାତରେ ପାପୁଲି ସହ ଅଙ୍ଗୁଳି ଲଗା ଯାଇଥିଲା। ଯେହେତୁ ମହାପ୍ରଭୁ କେବଳ ସୁନାବେଶ ସମୟରେ ହିଁ ସ୍ୱର୍ଣ୍ଣରେ ନିର୍ମିତ ହସ୍ତ ପଦ ଆଭୂଷଣ ଧାରଣ କରିଥାନ୍ତି- ତେଣୁ ହ୍ୟୁଷ୍ଟନ ଅଦିନ ରଥଯାତ୍ରା ଶୋଭାଯାତ୍ରାରେ ଜଗନ୍ନାଥଙ୍କୁ ବିକୃତ କରାଯିବାକୁ ନେଇ ଜଗନ୍ନାଥ ପ୍ରେମୀଙ୍କଠୁ ସେବାୟତ-ସମସ୍ତଙ୍କ ଭାବନାକୁ ଦେଇଛି ଶକ୍ତ ଆଘାତ। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ପ୍ରସ୍ତୁତି ଚାଲିଛି। ପରମ୍ପରା ଅନୁସାରେ ରଥ ନିର୍ମାଣ କାମ ହେଉଛି। ଶ୍ରୀଗୁଣ୍ଡିଚାରେ ଗଡ଼ିବ ରଥ। କିନ୍ତୁ ଆମେରିକା ହ୍ୟୁଷ୍ଟନ ସହରରୁ ଆସିଛି ବିଚଳିତ କଲାଭଳି ଦୃଶ୍ୟ। ‘ଆର୍ଟ କାର ପରେଡ ନାଁ’ରେ ଅଦିନରେ କରାଯାଇଛି ଏମିତି ରଥଯାତ୍ରା। ମହାପ୍ରଭୁଙ୍କୁ ମିନି ଟ୍ରକରେ ବସାଇ ସହରରେ ବୁଲାଯାଇଛି। ଟ୍ରକ୍ ସହ ଯୋଡ଼ା ଯାଇଛି ଏକ ସାଉଣ୍ଡ ଗାଡ଼ି। ଶେଷରେ ଏକ ଛୋଟ ରଥରେ ତିନି ଠାକୁର ବସିଛନ୍ତି। ଯାହାକୁ ଏକ ଟ୍ରକ୍ ଟାଣି ଟାଣି ନେଉଥିବା ଦେଖାଯାଉଛି। ମହାପ୍ରଭୁଙ୍କୁ ଏମିତି ଅସମ୍ମାନକୁ ନିନ୍ଦା କରିଛନ୍ତି ଶ୍ରଦ୍ଧାଳୁ ଓ ସେବାୟତ।

## ‘ମନ୍ କୀ ବାତ୍’ ଜନସମ୍ବାଦର ମାଧ୍ୟମ ହୋଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,(ଜା.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୁଳ ଜିଲ୍ଲା ତାଳଚେର କଣିହାଁ ବ୍ଲକ ସ୍ଥିତ ନିଜ ପୈତୃକ ଗ୍ରାମ ନାଳମ ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ’ମନ୍ କୀ ବାତ୍’ର ୧୩୩ତମ ସଂସ୍କରଣ ଶୁଣିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମ ଦେଶବ୍ୟାପୀ ଜନସମ୍ବାଦର ଏକ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି, ଯାହା ସମାଜରେ ସକାରାତ୍ମକ ଚିନ୍ତାଧାରା ଓ ସଚେତନତା ସୃଷ୍ଟି କରିବା ସହ ରାଷ୍ଟ୍ର ନିର୍ମାଣକୁ ଗତି ପ୍ରଦାନ କରୁଛି। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ନେଇ ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି ଯେ, ପରମାଣୁ କାର୍ଯ୍ୟକ୍ରମ କ୍ଷେତ୍ରରେ ଆମ ବୈଜ୍ଞାନିକଙ୍କ ସଫଳତା ଏବଂ ଗଣିତରେ କନ୍ୟାରନ୍ଙ୍କ ପ୍ରତିଭା ଦେଶ ପାଇଁ ଗର୍ବର ବିଷୟ। ସ୍ଥାନୀୟ ବାଉଁଶ ସାମଗ୍ରୀକୁ ଉପହାର ଭାବେ ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ‘ଭୋକାଲ୍ ଫର୍ ଲୋକାଲ୍’ ଅଭିଯାନକୁ ଆହୁରି ଶକ୍ତିଶାଳୀ କରିବ। ଭଗବାନ ବୁଦ୍ଧଙ୍କ ଶିକ୍ଷା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତିଚାରଣ ସହ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଓଡ଼ିଶା ସମେତ ସମଗ୍ର ଦେଶବାସୀଙ୍କୁ ଏକ ସଶକ୍ତ ଭାରତ ଗଠନ ପାଇଁ ନୂତନ ପ୍ରେରଣା ଯୋଗାଇଛି। ପ୍ରଧାନମନ୍ତ୍ରୀ ‘ଡିଜିଟାଲ ଜନଗଣନା ୨୦୨୭’ ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଦେଶର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମସ୍ତେ ଏହି ମହତ୍ ଅଭିଯାନର ଅଂଶବିଶେଷ ହୋଇ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।

ଜାତୀୟ ଚେତନା
JATIYA CHETANA

# ରାଜନୀତିର 'ବ୍ୟବସ୍ଥିତ ଦାଦାଗିରି'

ଇତିହାସର ପୃଷ୍ଠା ଓଲଟାଇଲେ ଦେଖାଯାଏ ଯେ, କ୍ଷମତା ଯେତିକି ଶକ୍ତି ପ୍ରଦାନ କରେ, ତା'ଠାରୁ ଅଧିକ ଜନ୍ମ ଦିଏ ଅସୁରକ୍ଷିତ ମନୋଭାବ। ଯେତେବେଳେ ଜଣେ ବ୍ୟକ୍ତି ବା ଗୋଷ୍ଠୀ ନିଜର ବର୍ଚ୍ଚସ୍ୱ ବା ଆଧିପତ୍ୟକୁ ନେଇ ସନ୍ଦେହରେ ରହନ୍ତି, ସେତେବେଳେ ସେମାନେ 'ଦାଦାଗିରି'ର ଆଶ୍ରୟ ନିଅନ୍ତି। ଓଡ଼ିଶାର ରାଜନୈତିକ ଇତିହାସ ହେଉ ବା ବିଶ୍ୱର ଭୂ-ରାଜନୀତି, ଏହି ମାନସିକତା ସବୁଠି ସମାନ। ଶାସନ ଗାଦିରେ ବସିବା ଅପେକ୍ଷା ଗାଦିକୁ ନିଜ ନିୟନ୍ତ୍ରଣରେ ରଖିବାର ଅଭିଳାଷ ଅନେକ ସମୟରେ ଗଣତନ୍ତ୍ରର ମୂଲ୍ୟବୋଧକୁ କ୍ଷୁର୍ଣ୍ଣ କରିଛି। ଓଡ଼ିଶା ରାଜନୀତିର ଗୋଟିଏ ଅନାଲୋଚିତ ତଥା କଳଙ୍କିତ ଅଧ୍ୟାୟ ହେଉଛି ୧୯୬୫ ମସିହାର ଘଟଣାବଳୀ। ଦୀର୍ଘ ୧୧ ବର୍ଷ ଧରି ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପରେ ଡଃ ସଦାଶିବ ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଅର୍ପଣ କରାଯାଇଥିଲା। କିନ୍ତୁ ସେହି ସମୟର ତଥାକଥିତ 'ରାଜନୈତିକ ଚାଣକ୍ୟ'ମାନଙ୍କ ପାଇଁ ଏହା ସହଜରେ ଗ୍ରହଣୀୟ ନଥିଲା। ଜଣେ କୋରାପୁଟିଆ ନେତା ରାଜ୍ୟର ଶୀର୍ଷ ପଦବୀରେ ବସିବାକୁ ସେମାନେ ନିଜର ପୁରୁଷାର୍ଥ ପ୍ରତି ଆହ୍ୱାନ ବୋଲି ମନେ କଲେ।

ଏହା କେବଳ ଏକ ପଦବୀର ଲଢ଼େଇ ନଥିଲା, ବରଂ ଥିଲା ଏକ ଆଞ୍ଚଳିକ ଅହଂକାରର ପ୍ରତିଫଳନ। ତ୍ରିପାଠୀଙ୍କୁ ଗାଦିଚ୍ୟୁତ କରିବା ପାଇଁ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଏକାଠି ହୋଇ ଅଣ-ଔପଚାରିକ ଭାବେ ଇସ୍ତଫା ଦେଲେ। ଏହା ଥିଲା ଏକ ଶକ୍ତ ରାଜନୈତିକ ଦାଦାଗିରି। କିନ୍ତୁ ଡଃ ତ୍ରିପାଠୀ ଥିଲେ ଜଣେ ଜିଦ୍‌ଖୋର ଓ ନୀତିନିଷ୍ଠ ବ୍ୟକ୍ତି। ସେ ଏହି ଷଡ଼ଯନ୍ତ୍ର ଆଗରେ ନଇଁ ନଯାଇ ଦୀର୍ଘ ସମୟ ଧରି ଏକାକୀ ରାଜ୍ୟ ଶାସନର ରଥକୁ ଆଗକୁ ବଢ଼ାଇଥିଲେ। ଶେଷରେ ସର୍ବଭାରତୀୟ କଂଗ୍ରେସ କମିଟି ଅଧ୍ୟକ୍ଷ କେ. କାମରାଜଙ୍କ କଠୋର ଚେତାବନୀ- "ଯଦି ଏତେ ଅସନ୍ତୋଷ, ତେବେ ଔପଚାରିକ ଭାବେ ଇସ୍ତଫା ଦିଅ, ମନ୍ତ୍ରୀ ହେବାକୁ ଲୋକଙ୍କ ଅଭାବ ନାହିଁ"-ବିଦ୍ରୋହୀ ଗୋଷ୍ଠୀର ମୁହଁ ବନ୍ଦ କରିଦେଇଥିଲା। ଏହି ଘଟଣାଟି ପ୍ରମାଣ କରେ ଯେ, ଦାଦାଗିରି ଆଗରେ ଯଦି ମନୋବଳ ଦୃଢ଼ ଥାଏ, ତେବେ ନ୍ୟାୟର ଜୟ ନିଶ୍ଚିତ। ବାସ୍ତବରେ ଦାଦାଗିରି କେବଳ ରାଜନୀତିରେ ନୁହେଁ, ସମାଜର ପ୍ରତ୍ୟେକ କ୍ଷେତ୍ରରେ ଦେଖାଯାଏ। ପ୍ରସିଦ୍ଧ ମନୋବିଜ୍ଞାନୀ ଆଲଫ୍ରେଡ୍ ଆଡଲରଙ୍କ ମତାନୁସାରେ, "ଯେତେ ବେଶୀ ହୀନମନ୍ୟତା, ସେତେ ବେଶୀ ଆଧିପତ୍ୟ ସ୍ଥାପନର ଚେଷ୍ଟା।" ଯେତେବେଳେ ଜଣେ ବ୍ୟକ୍ତି ଭିତରୁ ନିଜକୁ ଦୁର୍ବଳ ବୋଲି ଅନୁଭବ କରେ, ସେ ବାହ୍ୟ ଜଗତରେ ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରେ। ଦାଦାଗିରି ଶକ୍ତିର ପ୍ରତୀକ ନୁହେଁ, ବରଂ ଏହା ଏକ ପ୍ରକାରର ମାନସିକ ଅସୁରକ୍ଷିତ ଭାବନା। ଆଜିର ବିଶ୍ୱ ରାଜନୀତିରେ ଏହି ସତ୍ୟ ସ୍ପଷ୍ଟ ଭାବେ ପ୍ରତିଫଳିତ। ଆଧୁନିକ ଯୁଗରେ ଶକ୍ତିଶାଳୀ ରାଷ୍ଟ୍ରମାନେ 'ସୁରକ୍ଷା ହସ୍ତକ୍ଷେପ' ବା 'କୌଶଳଗତ ଚାପ' ପରି ଶବ୍ଦମାନଙ୍କ ଆଢ଼ୁଆଳରେ ଦୁର୍ବଳ ଦେଶମାନଙ୍କୁ ନିଜ ଇଚ୍ଛାରେ ପରିଚାଳିତ କରିବାକୁ ଚେଷ୍ଟା କରନ୍ତି। ସାମରିକ ଶକ୍ତି, ଆର୍ଥିକ ପ୍ରତିବନ୍ଧକ ଓ ଭୌଗୋଳିକ ଚାପ ମାଧ୍ୟମରେ ସ୍ୱାଧୀନ ରାଷ୍ଟ୍ରମାନଙ୍କ ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରାଯାଏ। ଆମେରିକା, ରୁଷ ଓ ଚୀନ ପରି ମହାଶକ୍ତିମାନେ ବିଶ୍ୱ ବ୍ୟବସ୍ଥାକୁ ନିଜ ସ୍ୱାର୍ଥରେ ପ୍ରଭାବିତ କରୁଥିବା ଦେଖାଯାଏ। ବିଶ୍ୱରେ 'ଆତଙ୍କବାଦ ବିରୋଧୀ ଯୁଦ୍ଧ' ନାମରେ ଆରମ୍ଭ ହୋଇଥିବା 'ବ୍ୟବସ୍ଥିତ ଦାଦାଗିରି'ର ଅଭିଯାନ ୯୦୦,୦୦୦ରୁ ଅଧିକ ମୁଣ୍ଡ ଖାଇଛି, ୩୭ ନିୟୁତ ଶରଣାର୍ଥୀ ସୃଷ୍ଟି କରିଛି ଏବଂ ୧୦ ନିୟୁତରୁ ଅଧିକ ଆଫଗାନଙ୍କୁ ବିସ୍ଥାପିତ କରିଛି। ଏହା କେବଳ ମାନବିକ ସଙ୍କଟ ନୁହେଁ, ବରଂ ଶକ୍ତି ପ୍ରଦର୍ଶନର ଏକ ବିକୃତ ରୂପ। ଅତୀତରେ ହିଟଲରଙ୍କ ନାଜିବାଦ, ଷ୍ଟାଲିନଙ୍କ କଠୋରପନ୍ଥୀ ଶାସନ, ସାମ୍ରାଜ୍ୟବାଦୀ ଜାପାନର ଅତ୍ୟାଚାର କିମ୍ବା ମାଓବାଦୀ ଚୀନର ସାମରିକ ଦର୍ପ ସବୁକିଛି ଧରଣୀ ବକ୍ଷକୁ ରକ୍ତରଞ୍ଜିତ କରିଛି। ଆଜିର ଶିକ୍ଷିତ ସମାଜରେ ଦାଦାଗିରିର କୌଣସି ସ୍ଥାନ ରହିବା ଉଚିତ ନୁହେଁ। ଡଃ ସଦାଶିବ ତ୍ରିପାଠୀଙ୍କ ପରି ନେତାମାନେ ଶିଖାଇଛନ୍ତି ଯେ, କ୍ଷମତାର ଅନ୍ଧଗଳିରେ ନିଜର ସ୍ୱାଭିମାନ ଓ କର୍ତ୍ତବ୍ୟବୋଧକୁ ଜଳାଞ୍ଜଳି ଦେବା ଅପେକ୍ଷା ଦୃଢ଼ ରହିବା ଶ୍ରେୟସ୍କର। ରାଜନୈତିକ ଦାଦାଗିରିକୁ ରୋକିବାକୁ ହେଲେ ଜନସାଧାରଣଙ୍କୁ ସଜାଗ ହେବାକୁ ପଡ଼ିବ, ନଚେତ୍ ଇତିହାସର କଳଙ୍କିତ ଅଧ୍ୟାୟ ବାରମ୍ବାର ନିଜକୁ ଦୋହରାଇବ।

ସମଗ୍ର ବିଶ୍ୱ ବର୍ତ୍ତମାନ ରାଷ୍ଟ୍ର ଦାଦାଗିରିର ଗୁର୍ଷିକଳୟର କବଳରେ। ତା' ମଧ୍ୟରେ ସବୁଠାରୁ ଶକ୍ତିଶାଳୀ 'ସୁପର୍ ବୁଲି' ଆମେରିକା, ଯିଏ ସବୁବେଳେ ଅନ୍ୟ ସ୍ୱତନ୍ତ୍ର ରାଷ୍ଟ୍ରମାନଙ୍କୁ ଅଧୀନସ୍ଥ କରି ରଖିବା ପାଇଁ ସାମରିକ ଓ ଆର୍ଥିକ ଚାପର ବ୍ୟବହାର କରିଛି। ୧୫୯ଟି ଦେଶରେ ୮୦୦ ବିଦେଶୀ ଘାଟି ଏବଂ ୧୭୩,୦୦୦ ସୈନ୍ୟ ଉପସ୍ଥାନ ସହ ଆମେରିକା ବିସ୍ତାରବାଦର ଜାଲ ବିଶ୍ୱସାରା ପରିବ୍ୟାପ୍ତ କରିଛି। ଭିଏତନାମ, କ୍ୟୁବା ଓ ପାନାମାରୁ ଇରାକ, ସିରିଆ ଓ ଲିବିଆ ପର୍ଯ୍ୟନ୍ତ, ଗଣତାନ୍ତ୍ରିକ ଆଦର୍ଶ ନାମରେ ଆମେରିକାର ହସ୍ତକ୍ଷେପ ଭୂ-ରାଜନୈତିକ ସ୍ୱାର୍ଥ ଦ୍ୱାରା ପରିଚାଳିତ। ଗ୍ରୀନଲ୍ୟାଣ୍ଡ କ୍ରୟ ସହ କାନାଡାର ଅଧିଗ୍ରହଣ ପ୍ରସ୍ତାବ ଏବଂ ଭେନେଜୁଏଲା ରାଷ୍ଟ୍ରପତିଙ୍କ ଅପହରଣ ଏକ ସତର୍କ ସଙ୍କେତ, ଯେଉଁଠାରେ ସାର୍ବଭୌମତ୍ୱ ମଧ୍ୟ ପଣ୍ୟ ସାମଗ୍ରୀ ଭାବେ ପରିଗଣିତ। ଏହି ପରିପ୍ରେକ୍ଷୀରେ ଇରାନ ଉପରେ ସାମ୍ପ୍ରତିକ ଆମେରିକା-ଇସ୍ରାଏଲର 'ଅପରେସନ୍ ଏପିକ୍ ଫ୍ୟୁରି' ଆକ୍ରମଣର ଆଲୋଚନା ପ୍ରଣିଧାନ ଯୋଗ୍ୟ। ଲକ୍ଷ୍ୟ ଥିଲା, ଶାସନ ପରିବର୍ତ୍ତନ ଓ ସାମରିକ କ୍ଷମତାର ବିଧ୍ୱଂସ। କିନ୍ତୁ ନେତୃତ୍ୱକୁ ହଟାଇଲେ ପ୍ରତିରୋଧ ଶେଷ ହେବ ବୋଲି ଧାରଣା ତ୍ରୁଟିପୂର୍ଣ୍ଣ ପ୍ରମାଣିତ ହୋଇଛି। ଇରାନ ଭୁଶୁଡ଼ି ପଡ଼ିନାହିଁ; ବରଂ ସୁଦୃଢ଼ ହୋଇଛି। ପ୍ରମାଣିତ କରିଛି ଯେ, ଯୁଦ୍ଧ କେବଳ ବନ୍ଧୁକରେ ନୁହେଁ, ମନୋବଳରେ ମଧ୍ୟ ଲଢ଼ାଯାଏ। ଇରାନ ଉପରେ ଏହି ବେଆଇନ ଆକ୍ରମଣ ବିରୁଦ୍ଧରେ ବିଶ୍ୱର କୋଣଅନୁକୋଣରୁ ପ୍ରତିବାଦର ସ୍ୱର ଉଠିଛି। ପ୍ରଭାବଶାଳୀ ଶକ୍ତିମାନେ ମଧ୍ୟ ସେମାନଙ୍କର ଆଭିମୁଖ୍ୟର ପୁନଃମୂଲ୍ୟାୟନ କରିଛନ୍ତି। ଚୀନ ରାଷ୍ଟ୍ରମୁଖ୍ୟ ଜି ଜିନପିଙ୍ଗ ମତ ରଖିଛନ୍ତି, "ସୁରକ୍ଷା ଆଳରେ କୌଣସି ରାଷ୍ଟ୍ରର ନିଜ ଇଚ୍ଛା ଲାଗୁ କରିବାର ଅଧିକାର ନାହିଁ।" ଭ୍ଲାଦିମିର ପୁଟିନ ଏହି ଆକ୍ରମଣକୁ "ସମ୍ଭାବ୍ୟ ବିପର୍ଯ୍ୟୟ ସୃଷ୍ଟିକାରୀ ପରିଣାମ ସହିତ ବେପରୁଆ ଆକ୍ରମଣ" ବୋଲି ଅଭିହିତ କରିଛନ୍ତି।

# ଧାରଣା, ତଥ୍ୟ ଓ ଗଣତନ୍ତ୍ରର ନୂଆ ପରିଭାଷା

ମୋନାଲିସା ମହାରଣା

ଭାରତୀୟ ଗଣତନ୍ତ୍ରର ଇତିହାସରେ ପଶ୍ଚିମବଙ୍ଗର ନିର୍ବାଚନ ସବୁବେଳେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା କେବଳ ଏକ ରାଜନୈତିକ ପ୍ରକ୍ରିୟା ନୁହେଁ, ବରଂ ଏକ ଆବେଗପୂର୍ଣ୍ଣ ସଂଗ୍ରାମ। ଚଳିତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ଅନେକ ପୁରୁଣା ଧାରଣାକୁ ଭାଙ୍ଗିବାରେ ସମର୍ଥ ହୋଇଛି। ବିଶେଷ କରି ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବା ଏବଂ ମତଦାନର ହାରକୁ ନେଇ ସୃଷ୍ଟି ହୋଇଥିବା ତର୍କ ଏବେ ରାଜନୈତିକ ବିଶ୍ଳେଷକଙ୍କ ପାଇଁ ଏକ ନୂତନ ଦିଗ ଉନ୍ମୁକ୍ତ କରିଛି।

ନିକଟରେ ଏସ.ଆଇ.ଆର. ତାଲିକାରୁ ପ୍ରାୟ ୨୪ ଲକ୍ଷ ଭୋଟରଙ୍କ ନାମ ବାଦ୍ ପଡ଼ିବା ବିଷୟଟି ରାଜ୍ୟ ରାଜନୀତିକୁ ବେଶ୍ ସରଗରମ କରିଥିଲା। ସାଧାରଣତଃ ଏଭଳି ଏକ ବୃହତ ସଂଖ୍ୟାକୁ ନେଇ ବିଭିନ୍ନ ଗୁଜବ ଓ ଧାରଣା ସୃଷ୍ଟି ହେବା ସ୍ୱାଭାବିକ। ଏକ ନିର୍ଦ୍ଦିଷ୍ଟ ମହଲରେ ଏହି ଧାରଣା ସୃଷ୍ଟି କରାଯାଇଥିଲା ଯେ, ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ଅଧିକାଂଶ ସଂଖ୍ୟାଲଘୁ ମୁସଲିମ ସମ୍ପ୍ରଦାୟର। ଏହାର ପଶ୍ଚାତରେ ଥିବା ଯୁକ୍ତି ଥିଲା ଯେ, ଯଦି ମୁସଲିମ ଭୋଟ୍ ବ୍ୟାଙ୍କ୍ କ୍ଷୁର୍ଣ୍ଣ ହୁଏ, ତେବେ ଶାସକ ଟିଏମ୍‌ସିର ଜନାଧାର ଦୁର୍ବଳ ହେବ ଏବଂ ଏହା ବିଜେପି ପାଇଁ ବିଜୟର ପଥକୁ ପ୍ରଶସ୍ତ କରିବ। କିନ୍ତୁ ପଶ୍ଚିମବଙ୍ଗ ଏସ.ଆଇ.ଆର.ର ପ୍ରକୃତ ତଥ୍ୟ ପ୍ରକାଶ ପାଇବା ପରେ ଏହି ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଡେଟା ଅନୁସାରେ, ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ୬୩% ହେଉଛନ୍ତି ହିନ୍ଦୁ ଧର୍ମାବଲମ୍ବୀ। ଏହି ପରିସଂଖ୍ୟାନ ପ୍ରମାଣ କରୁଛି ଯେ, ନିର୍ବାଚନୀ ପ୍ରକ୍ରିୟାରେ ହେଉଥିବା ବୈଷୟିକ ତ୍ରୁଟି ବା ସଂଶୋଧନକୁ ସାଂପ୍ରଦାୟିକ ରଙ୍ଗ ଦେବା କେତେଦୂର ଅଯୌକ୍ତିକ। ରାଜନୈତିକ ଫାଇଦା ପାଇଁ ତଥ୍ୟକୁ ମୋଡ଼ିମାଡ଼ି ଉପସ୍ଥାପନ କରିବା ଏକ ସ୍ୱର୍ଣ୍ଣକାତର ବିଷୟ ହୋଇପାରେ, କିନ୍ତୁ ଶେଷରେ ପରିସଂଖ୍ୟାନ ହିଁ ପ୍ରକୃତ ସତ୍ୟକୁ ଲୋକଲୋଚନକୁ ଆଣିଥାଏ।

ସାମ୍ପ୍ରତିକ ସମୟରେ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ଓ ଭୋଟ୍ ଦାନର ହାର ଭାରତୀୟ ଗଣତନ୍ତ୍ର ପାଇଁ ଏକ ଆଶାବାଦୀ ଚିତ୍ର। ଚୈତ୍ର-ବୈଶାଖର ପ୍ରଚଣ୍ଡ ରୌଦ୍ରତାପ ଓ ରାଜନୈତିକ ହିଂସାର ଭୟ ସତ୍ତ୍ୱେ ଭୋଟରମାନେ ଯେଭଳି ବାହାରକୁ ଆସିଲେ, ତାହା ପ୍ରଶଂସନୀୟ। ବିଶେଷ କରି ପଶ୍ଚିମବଙ୍ଗରେ ରେକର୍ଡ ଭଙ୍ଗକାରୀ ୯୨% ମତଦାନ ହେବା ଏକ ବିସ୍ମୟକର ଘଟଣା। ବଙ୍ଗୀୟ ଭୋଟରମାନେ ପାରମ୍ପରିକ ଭାବେ ରାଜନୈତିକ ସଚେତନ। ସେମାନଙ୍କ ପାଇଁ ମତଦାନ କେବଳ ଏକ କର୍ତ୍ତବ୍ୟ ନୁହେଁ, ବରଂ ଏକ ସାମାଜିକ ଉତ୍ସବ। ତଥାପି, ୯୨% ର ସଂଖ୍ୟା ସୂଚାଉଛି ଯେ ଜନସାଧାରଣଙ୍କ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ପରିବର୍ତ୍ତନ ବା ପ୍ରତିରୋଧର ଏକ ପ୍ରବଳ ସ୍ରୋତ ରହିଛି। ଏହି ପ୍ରାବଲ୍ୟ କାହା ସପକ୍ଷରେ ଯିବ, ତାହା ନିର୍ବାଚନ ପରିଣାମ ହିଁ କହିବ। ଏହି ସମୟରେ କୌଣସି ପୂର୍ବାନୁମାନ କରିବା ବୋଧହୁଏ ଅପରିପକ୍ୱତା ହେବ।

ଓଡ଼ିଶାର ଏକ ଅନ୍ତରଙ୍ଗ ପଡ଼ୋଶୀ ରାଜ୍ୟ ଭାବେ ପଶ୍ଚିମବଙ୍ଗର ରାଜନୈତିକ ସ୍ଥିତି ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ପଶ୍ଚିମବଙ୍ଗରେ ବିଜେପି ଓ ଟିଏମସି ମଧ୍ୟରେ ଯେଉଁଭଳି ବୈରୀ ଭାବ ଓ ବିଶ୍ୱାସହାନି ଦେଖାଦେଇଛି, ତାହା ପୂର୍ବରୁ କେବେ ଦେଖାଯାଇ ନଥିଲା। ଏହି ରାଜନୈତିକ ଲଢ଼େଇ ଏବେ ଗଳିକନ୍ଦିରୁ ଯାଇ ସାମାଜିକ ଗଣମାଧ୍ୟମ ଓ ଲୋକଙ୍କ ମାନସପଟରେ ଘର କରିଛି। ଏହି ନିର୍ବାଚନ କେବଳ ଜଣେ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନୁହେଁ, ବରଂ ନିଜର ଅସ୍ତିତ୍ୱ ଓ ଆଦର୍ଶକୁ ବଞ୍ଚାଇ ରଖିବାର ଏକ ଲଢ଼େଇ ପାଲଟିଛି। ଶାସକ ଓ ବିରୋଧୀଙ୍କ ମଧ୍ୟରେ ଥିବା ଏହି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଗଣତନ୍ତ୍ରର ଅନେକ ପୁରୁଣା ଧାରାକୁ ଭାଙ୍ଗିବାରେ ଲାଗିଛି। ଧ୍ରୁବୀକରଣର ରାଜନୀତି ଯେତେବେଳେ ଚରମ ସୀମାରେ ପହଞ୍ଚେ, ସେତେବେଳେ ଭୋଟରଙ୍କ ନିଷ୍ପତ୍ତି ଅପ୍ରତ୍ୟାଶିତ ହୋଇଥାଏ।

ପଶ୍ଚିମବଙ୍ଗର ଏହି ନିର୍ବାଚନୀ ମହାସମର ଭାରତୀୟ ଗଣତନ୍ତ୍ରର ପରିପକ୍ୱତା ପାଇଁ ଏକ ପରୀକ୍ଷା। ଗୁଜବ ଓ ଭୁଲ୍ ଧାରଣାକୁ ପଛରେ ପକାଇ ପ୍ରକୃତ ତଥ୍ୟକୁ ଗ୍ରହଣ କରିବା ଏବଂ ବିପୁଳ ସଂଖ୍ୟାରେ ମତଦାନ କରି ନିଜର ଅଧିକାର ସାବ୍ୟସ୍ତ କରିବା ହିଁ ଶ୍ରେଷ୍ଠ ନାଗରିକତ୍ୱର ପରିଚୟ। ପଶ୍ଚିମବଙ୍ଗର ଏହି ପ୍ରାବଲ୍ୟ ଓ ପରିବର୍ତ୍ତନର ଆଗ୍ରହ ଆଗାମୀ ଦିନରେ କି ରୂପ ନେଉଛି, ତାହା ସମଗ୍ର ଦେଶ ଅପେକ୍ଷା କରି ଦେଖିବ। ତେବେ ଏତିକି କୁହାଯାଇପାରେ ଯେ, ଜନସାଧାରଣଙ୍କ ସଚେତନତା ଓ ଭୋଟ୍ ଦାନର ଆଗ୍ରହ ହିଁ ଗଣତନ୍ତ୍ରର ପ୍ରକୃତ ବିଜୟ।

ଏହି ସାମ୍ପ୍ରତିକ ରାଜନୈତିକ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ଚଳିତ ନିର୍ବାଚନ ଏକ ଅଗ୍ନିପରୀକ୍ଷା ସଦୃଶ। ସେ ଚତୁର୍ଥ ଥର ସକାଶେ କ୍ଷମତାସୀନ ହେବା ଅଭିଯାନରେ ଅଗ୍ରସର ହେଉଛନ୍ତି, କିନ୍ତୁ ଭାରତୀୟ ରାଜନୀତିର ଇତିହାସକୁ ଅନୁଶୀଳନ କଲେ ଜଣାଯାଏ ଯେ ଏଭଳି ସଫଳତା ଅତ୍ୟନ୍ତ ବିରଳତମ ଶ୍ରେଣୀୟ। ଅବଶ୍ୟ, ତାଙ୍କ ପାଇଁ ଆଶାର କିରଣ ସୃଷ୍ଟି କରିଥାଏ ପଶ୍ଚିମବଙ୍ଗର ପୂର୍ବତନ ବାମପନ୍ଥୀ ସରକାରଙ୍କ ଇତିହାସ, ଯାହା ମମତାଙ୍କ ଦ୍ୱାରା ଗାଦିଚ୍ୟୁତ ନ ହେଲା ପର୍ଯ୍ୟନ୍ତ ପ୍ରାୟ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ଶାସନ କରିବାରେ ସଫଳ ହୋଇଥିଲା। ବାମପନ୍ଥୀ ସରକାର ନିଜର ସୁବ୍ୟବସ୍ଥିତ କ୍ୟାଡର ବାହିନୀକୁ ଯେଉଁଭଳି ଭାବେ ଏକ ହିଂସ୍ର ପଦାତିକ ବଳରେ ପରିଣତ କରିଥିଲେ, ତାହା ସର୍ବଜନବିଦିତ। ସାଧାରଣ ନାଗରିକଙ୍କ ମଧ୍ୟରେ ଭୟ ସଞ୍ଚାର କରିବା ସହିତ ନିର୍ବାଚନୀ ହିଂସା, ବୁଥ୍ ଜବରଦଖଲ ଓ 'ରିଗିଂ' ଭଳି ଅଗଣତାନ୍ତ୍ରିକ କୌଶଳ ମାଧ୍ୟମରେ ସେମାନେ କ୍ଷମତାକୁ ନିଜ ଆୟତ୍ତରେ ରଖିଥିଲେ। ଏଭଳି ଶ୍ୱାସରୁଦ୍ଧକାରୀ ପରିବେଶରୁ ମୁକ୍ତି ପାଇବା ପାଇଁ ବଙ୍ଗବାସୀ ଦିନେ ମମତା ବାନାର୍ଜୀଙ୍କ ଲଢ଼ୁଆ ମନୋଭାବ, ସରଳ ଜୀବନଯାପନ ଏବଂ କ୍ଷମତା-ଅନାସକ୍ତ ଚରିତ୍ରକୁ ଭରସା କରି ତାଙ୍କୁ ବିଜୟ ମୁକୁଟ ପିନ୍ଧାଇଥିଲେ। କିନ୍ତୁ ସମୟର ଚକ୍ରରେ ଆଜି ବିଡ଼ମ୍ବନା ଏହି ଯେ, ତିନି ପାଳିର ମୁଖ୍ୟମନ୍ତ୍ରିତ୍ୱ ପରେ ମମତାଙ୍କ ତୃଣମୂଳ କଂଗ୍ରେସ ମଧ୍ୟ ସେହି ସମାନ ଅଭିଯୋଗର ସମ୍ମୁଖୀନ। ଅଭିଯୋଗ ହେଉଛି ଯେ, ଟିଏମସି ମଧ୍ୟ ନିଜସ୍ୱ ହିଂସ୍ର କ୍ୟାଡର ସୃଷ୍ଟି କରିଛି ଏବଂ କ୍ଷମତାକୁ ମାଡ଼ି ବସିବାର ସେହି ପୁରୁଣା ବାମପନ୍ଥୀ କୌଶଳର ପୁନରାବୃତ୍ତି ଘଟାଉଛି। ତେଣୁ ଏକ ବଳିଷ୍ଠ ପକ୍ଷର ଯୁକ୍ତି ଅନୁସାରେ, ମମତା ବାନାର୍ଜୀ ମଧ୍ୟ ଆଜି ସେହି ଅତିଷ୍ଠ ନାଗରିକମାନଙ୍କ ଆକ୍ରୋଶର ଶିକାର ହୋଇପାରନ୍ତି, ଯେଉଁମାନେ ଦିନେ ତାଙ୍କୁ ତ୍ରାଣକର୍ତ୍ତା ଭାବେ ଗ୍ରହଣ କରିଥିଲେ।

ଚଳିତ ନିର୍ବାଚନରେ ଆଉ ଏକ ଆଶ୍ଚର୍ଯ୍ୟଜନକ ବ୍ୟତିକ୍ରମ ବାରି ହୋଇ ପଡ଼ୁଛି, ତାହା ହେଲା ଭୋଟରଙ୍କ 'ଦୁର୍ଭେଦ୍ୟ ନିରବତା'। ଏହି ନିରବତାକୁ କେହି କେହି 'ଅଣ-ବଙ୍ଗୀୟ ଗୁଣସୂତ୍ର' ବୋଲି ଅଭିହିତ କରୁଥିବା ବେଳେ ଏହାକୁ ନେଇ ଦୁଇ ପ୍ରମୁଖ ପକ୍ଷର ବ୍ୟାଖ୍ୟାନ ସମ୍ପୂର୍ଣ୍ଣ ଭିନ୍ନ। ବିଜେପିର ଆଭିମୁଖ୍ୟ ଅନୁସାରେ, ଟିଏମସି କ୍ୟାଡରଙ୍କ ଆକ୍ରୋଶରୁ ରକ୍ଷା ପାଇବା ପାଇଁ ଭୋଟରମାନେ ନିରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି, ଯଦିଓ ସେମାନେ ମନେ ମନେ ଶାସନ ପରିବର୍ତ୍ତନ ପାଇଁ ଦୃଢ଼ମନସ୍କ ଅଛନ୍ତି। ଅନ୍ୟପକ୍ଷରେ, ଶାସକ ଦଳ ସମର୍ଥକଙ୍କ ବ୍ୟାଖ୍ୟାନ ହେଉଛି ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପଶ୍ଚିମବଙ୍ଗକୁ ଏକ ପ୍ରକାର ସେନା ଛାଉଣିରେ ପରିଣତ କରାଯିବା ଏବଂ ମାଲଦାରେ ଘଟିଥିବା ଏକ ସାଧାରଣ ଘଟଣାର ଅନୁସନ୍ଧାନରେ ଏନ.ଆଇ.ଏ.କୁ ନିୟୋଜିତ କରିବା ଭଳି ପଦକ୍ଷେପ ସାଧାରଣ ଲୋକଙ୍କୁ ସଂତ୍ରସ୍ତ କରିଛି। ସେଥିପାଇଁ ଲୋକେ ଏକ ନିରାପଦ ନିରବତାକୁ ଆପଣେଇ ନେଇଛନ୍ତି।

କହିବା ବାହୁଲ୍ୟ ଯେ, ଏଭଳି ସ୍ଥିତିରେ ପଶ୍ଚିମବଙ୍ଗର ନିର୍ବାଚନ ଫଳାଫଳ କେବଳ ଏକ ସରକାର ଗଠନର ପ୍ରସଙ୍ଗ ହୋଇ ରହିନାହିଁ, ବରଂ ଏହା ଭାରତୀୟ ଗଣତନ୍ତ୍ରରେ ଜନମତର ଗତିପଥକୁ ବୁଝିବା ପାଇଁ ଏକ ବଡ଼ ସଙ୍କେତ ହେବ। ଏହି ଗଭୀର ଧ୍ରୁବୀକରଣ, ବିଶ୍ୱାସହାନି ଏବଂ ହିଂସାର ବାତାବରଣ ମଧ୍ୟରେ ଭୋଟରଙ୍କ ନିରବତାର ରହସ୍ୟ କେବଳ ନିର୍ବାଚନର ପରିଣାମ ହିଁ ଉନ୍ମୋଚନ କରିପାରିବ। ଶେଷରେ ଏତିକି କୁହାଯାଇପାରେ ଯେ, ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ଏହି ନିର୍ବାଚନ ଅନେକ ପାରମ୍ପରିକ ଧାରା ଓ ଧାରଣାକୁ ଭାଙ୍ଗି ଏକ ନୂତନ ରାଜନୈତିକ ଅଧ୍ୟାୟର ସୂତ୍ରପାତ କରିବାକୁ ଯାଉଛି।

ଅନେକ ରାଜନୈତିକ ସମୀକ୍ଷକ ଚଳିତ ନିର୍ବାଚନକୁ ବିପରୀତଧର୍ମୀ ବ୍ୟାଖ୍ୟାନଗୁଡ଼ିକର ଏକ ବନ୍ଦୀ ରୂପେ ଦେଖନ୍ତି, ଯହିଁରେ ମୁଖ୍ୟ ରାଜନୈତିକ ଦଳ ଦ୍ୱୟର ସପକ୍ଷ ଓ ବିପକ୍ଷବାଦୀମାନେ ନିଜ ନିଜ ଦୃଷ୍ଟିଭଙ୍ଗୀ ଅନୁସାରେ ଭିନ୍ନ ଭିନ୍ନ ଧାରଣା ସୃଷ୍ଟି କରିବାରେ ବ୍ୟାପୃତ ରହିଛନ୍ତି। ଏହି ବ୍ୟାଖ୍ୟାନଗୁଡ଼ିକ ଯେ ସାଧାରଣ ଭୋଟରଙ୍କୁ ପ୍ରଭାବିତ କରୁଛି, ତାହା ସୁନିଶ୍ଚିତ। ଉଦାହରଣ ସ୍ୱରୂପ, ଏସ.ଆଇ.ଆର. ତାଲିକାରୁ ୨୪ ଲକ୍ଷ ଭୋଟର ବାଦ୍ ପଡ଼ିବା ଭଳି ଏକ ସ୍ୱର୍ଣ୍ଣକାତର ପ୍ରସଙ୍ଗକୁ ନେଇ ଏଭଳି ଏକ ଧାରଣା ସୃଷ୍ଟି କରାଯାଇଥିଲା ଯେ ଏଥିରେ ଅଧିକାଂଶ ମୁସଲିମ ସମ୍ପ୍ରଦାୟର ଭୋଟର ଅଛନ୍ତି, ଯାହା ଫଳରେ ଟିଏମସିର ଜନାଧାର କ୍ଷୁର୍ଣ୍ଣ ହେବ ଓ ବିଜେପିର ପଥ ସୁଗମ ହେବ। କିନ୍ତୁ ପ୍ରକୃତ ଡାଟା ପ୍ରକାଶ ପାଇବା ପରେ ସ୍ପଷ୍ଟ ହୋଇଛି ଯେ, ବାଦ୍ ପଡ଼ିଥିବା ୬୩% ଭୋଟର ହେଉଛନ୍ତି ହିନ୍ଦୁ ଧର୍ମାବଲମ୍ବୀ ଏବଂ ସେମାନେ ମୁଖ୍ୟତଃ ମୋତୁଆ ଅଞ୍ଚଳର, ଯାହାକୁ ବିଜେପିର ଏକ ଶକ୍ତ ଦୁର୍ଗ ବୋଲି କୁହାଯାଏ। ଠିକ୍ ସେହିପରି, ନିର୍ବାଚନ କମିସନଙ୍କ ସୁପାରିସ କ୍ରମେ ପାଞ୍ଚ ଶହରୁ ଅଧିକ ପ୍ରାଶାସନିକ ଅଧିକାରୀଙ୍କ ବଦଳି ଏବଂ ସୁରକ୍ଷା ଦାୟିତ୍ୱ କେନ୍ଦ୍ରୀୟ ବଳ ହାତରେ ନ୍ୟସ୍ତ କରିବାକୁ ବିଜେପିର ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ବୋଲି ବ୍ୟାଖ୍ୟା କରାଯାଉଥିବା ବେଳେ, ବିରୋଧୀ ପକ୍ଷ ଏହାକୁ ନିରପେକ୍ଷ ନିର୍ବାଚନ ପାଇଁ ଏକ ଅପରିହାର୍ଯ୍ୟ ପଦକ୍ଷେପ ବୋଲି ମତ ଦେଉଛନ୍ତି। ରାଜ୍ୟରେ ପ୍ରାୟ ୨.୪ ଲକ୍ଷ କେନ୍ଦ୍ରୀୟ ସୁରକ୍ଷା ବଳର ନିୟୋଜନ ଅଭୂତପୂର୍ବ ହୋଇଥିଲେ ହେଁ, ସେମାନଙ୍କ ଆଚରଣରେ କୌଣସି ପକ୍ଷପାତ ଦେଖିବାକୁ ମିଳିନାହିଁ।

ଜାତୀୟ ଚେତନା
JATIYA CHETANA



# ୩୦ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର,(ଜା.ପ୍ର): ଆସନ୍ତା ଏପ୍ରିଲ ୩୦ ଅର୍ଥାତ ଗୁରୁବାର ପୂର୍ବାହ୍ଣ ୧୧ରେ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ବସିବ। ଏହି ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏନେଇ ରାଜ୍ୟପାଳ ଅନୁମତି ଦେଇଛନ୍ତି। ବିଧାନସଭା ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୭୪ ଖଣ୍ଡ(୧) ରେ ଅର୍ପିତ କ୍ଷମତା ପ୍ରୟୋଗ ପୂର୍ବକ ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ସପ୍ତଦଶ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ୩୦ ଏପ୍ରିଲ ୨୦୨୬ ଗୁରୁବାର ପୂର୍ବାହ୍ଣ ୧୧ ଘଟିକା ସମୟକୁ ବିଧାନସଭାରେ ଅନୁଷ୍ଠିତ ହେବା ପାଇଁ ରାଜ୍ୟପାଳ ସଦୟ ସମନ କରିଛନ୍ତି। ଓଡିଶା ବିଧାନସଭାର ସଭାର ସ୍ୱତନ୍ତ୍ର ଅଧିବେଶନରେ ସଦସ୍ୟମାନଙ୍କୁ ଯୋଗଦାନ କରିବା ନିମନ୍ତେ ବିଧାନସଭା ସଚିବ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ନିକଟରେ ଓଡ଼ିଶା ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗ ଉଠାଇ ୪୮ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୋହନଙ୍କୁ ଚିଠି ଲେଖିଥିଲେ ନବୀନ । କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଡିଲିମିଟେସନରେ ଓଡ଼ିଶାର ଆସନ ସଂଖ୍ୟା ୨୧ରୁ ୨୯କୁ ବୃଦ୍ଧି ହେଲେ ବି ପ୍ରତିନିଧିତ୍ୱ ୩.୪%କୁ କମିବ ବୋଲି ଆଶଙ୍କା କରିଥିଲେ ନବୀନ। ତେଣୁ ଓଡ଼ିଶାର ସାମାନ୍ୟତମ ରାଜନୈତିକ ଅଧିକାର କ୍ଷୁର୍ଣ୍ଣ ହେବାକୁ ଦିଆନଯାଉ ବୋଲି ନବୀନ ଦାବି କରିଥିଲେ।

# ବନ୍ଦ ହେବ ଅକାମୀ ଯୋଜନା

ଭୁବନେଶ୍ୱର,(ଜା.ପ୍ର): ସରକାରୀ ଯୋଜନାରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଅକାମୀ ଯୋଜନା ଗୁଡ଼ିକୁ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ଅଧିକ ପ୍ରଭାବଶାଳୀ ଓ ଫଳପ୍ରଦ କରିବା ଲକ୍ଷ୍ୟରେ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗତ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୨୩ଟି ବିଭାଗର ଯୋଜନାଗୁଡ଼ିକୁ ସମୀକ୍ଷା କରାଯାଇଛି। ଏଥିରେ ଅକାମୀ ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ଆଲୋଚନା ହୋଇଛି। ସରକାର ସମସ୍ତ ରାଜ୍ୟ ପରବର୍ତ୍ତୀ ଯୋଜନା (ଷ୍ଟେଟ ସେକ୍ଟର ଯୋଜନା) ଗୁଡ଼ିକୁ ସେଗୁଡ଼ିକର ପ୍ରଭାବ ଆଧାରରେ ଉଚ୍ଚ, ମଧ୍ୟମ ଏବଂ ନିମ୍ନ ପ୍ରାଥମିକତା ବର୍ଗରେ ବିଭକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚ ପ୍ରାଥମିକତାପ୍ରାପ୍ତ ଯୋଜନାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ଏଥିସହିତ, ଗତ ତିନିରୁ ଚାରି ବର୍ଷ ଧରି କୌଣସି ବଜେଟ୍ ବରାଦ ପାଇନଥିବା କିମ୍ବା କେବଳ ନାମମାତ୍ର ବରାଦ ହୋଇଥିବା ଯୋଜନାଗୁଡ଼ିକୁ ବନ୍ଦ କରିବା ନେଇ ବିଚାର କରାଯାଇଛି। ସେହିପରି ସମାନ ପ୍ରକୃତିର ଯୋଜନାଗୁଡ଼ିକୁ ଏକତ୍ର କରି ଗୋଟିଏ ଅମ୍ବ୍ରେଲା ଯୋଜନା ଅଧୀନରେ ଆଣିବାକୁ କୁହାଯାଇଛି। ଏହାଛଡ଼ା, କେନ୍ଦ୍ରୀୟ ଯୋଜନାଗୁଡ଼ିକରୁ ସର୍ବାଧିକ ହିତାଧିକାରୀ ଯେପରି ଉପକୃତ ହୋଇପାରିବେ, ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। କୌଣସି ଅବଶିଷ୍ଟ ତ୍ରୁଟି ରହିଲେ ତାହା ରାଜ୍ୟ ସରକାର ପୂରଣ କରିବେ। ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଓ ତଥ୍ୟଭିତ୍ତିକ ଆକଳନ ପାଇଁ 'ଅନୁସନ୍ଧାନ, ମୂଲ୍ୟାୟନ ଏବଂ ନୀରିକ୍ଷଣ' ବାବଦରେ ପ୍ରତ୍ୟେକ ବଡ଼ ଯୋଜନାରେ କିଛି ଅର୍ଥ ବରାଦ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ'

# ଭେଟିଦେଲେ ୫୮୧ କୋଟିର ପ୍ରକଳ୍ପ

ଭୁବନେଶ୍ୱର,(ଜା.ପ୍ର): ବଲାଙ୍ଗୀରଠାରେ ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଜିଲ୍ଲା ପାଇଁ ୫୮୧ କୋଟି ଟଙ୍କା ମୂଲ୍ୟର ୩୦୪ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୩୨୯ କୋଟି ଟଙ୍କା ର ୨୬୮ଟି ପ୍ରକଳ୍ପର ଲୋକାର୍ପଣ ଓ ୨୫୨ କୋଟି ଟଙ୍କା ର ୩୬ ଟି ପ୍ରକଳ୍ପ ର ଶିଳାନ୍ୟାସ କରଯାଇଛି। ଏଥିରେ ଭୀମଭୋଇ ମେଡିକାଲ କଲେଜରେ ଏକ ନୂତନ ନର୍ସିଂ କଲେଜ ପାଇ ମଧ୍ୟ ଶିଳାନ୍ୟାସ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀରରେ ଚିନି କଳ ଓ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇବାକୁ ଯାଉଥିବା ଘୋଷଣା କରିଥିଲେ। ଏଥି ସହିତ ଅନ୍ତୋଦୟ ଗୃହ ଯୋଜନାରେ ୫୦,୦୦୦ ରୁ ଅଧିକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ପ୍ରଥମ କିସ୍ତି ରାଶି ପ୍ରଦାନର ଶୁଭାରମ୍ଭ କରିଥିଲେ। ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲ୍ ଓ ଇ- ପଞ୍ଚାୟତ ସଭା ପୋର୍ଟାଲକୁ ମଧ୍ୟ ଉନ୍ମୋଚନ କରିଥିଲେ।




ଏହି ଅବସରରେ ନିଜର ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଆଜି କେବଳ ଯୋଜନା କାର୍ଯ୍ୟକାରୀ କରିବା ଭିତରେ ନିଜକୁ ସୀମିତ ରଖିନାହାନ୍ତି, ବରଂ ସାମାଜିକ, ଅର୍ଥନୈତିକ, ମୌଳିକ ସେବା ଭିତ୍ତିଭୂମି, ମାନବ କଲ୍ୟାଣ ତଥା ପ୍ରାକୃତିକ ସମ୍ବଳ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ଜାତୀୟ ପଞ୍ଚାୟତିରାଜ ଦିବସ କେବଳ ଏକ ସମାବେଶ ନୁହେଁ, ଏହା ଗ୍ରାମାଞ୍ଚଳ ସ୍ୱ-ଶାସନ ଓ ଲୋକତନ୍ତ୍ରର ମୌଳିକ ଶକ୍ତିକୁ ଜାଗରଣ କରିବାର ଦିବସ। ୭୩ତମ ସମ୍ବିଧାନ ସଂଶୋଧନର ତିନି ଦଶକ ପରେ ପଞ୍ଚାୟତିରାଜ ବ୍ୟବସ୍ଥା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ଲୋକଙ୍କ ସକ୍ରିୟ ଭାଗିଦାରୀ ଓ ଅଭିନବ ଚିନ୍ତାଧାରାହିଁ ଏହି ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିପାରିବ ବୋଲି ସେ କହିଥିଲେ। ସେ ପୁଣି କହୁଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ। ଗ୍ରାମାଞ୍ଚଳରେ ଜଳ, ଜମି, ଜଙ୍ଗଲର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ମହିଳା ସଶକ୍ତିକରଣ ପାଇଁ ଆମ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜାତୀୟ ପଞ୍ଚାୟତ ପୁରସ୍କାର ମାଧ୍ୟମରେ ପଞ୍ଚାୟତମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି ହୋଇଥିବା ସହ ଓଡ଼ିଶାର ଅନେକ ପଞ୍ଚାୟତ ଜାତୀୟସ୍ତରରେ ପ୍ରଶଂସା ଲାଭ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଜିଲ୍ଲା, ବ୍ଲକ୍, ଓ ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ ଯେ ବିକଶିତ ଓଡ଼ିଶା ପାଇ ମଜଭୁତ୍ ଗ୍ରାମ ସୃଷ୍ଟି କରିବା ଆମ ସରକାରଙ୍କର ମୂଳ ଲକ୍ଷ୍ୟ। ସେଥିପାଇଁ ପଞ୍ଚାୟତିରାଜ୍ ଅନୁଷ୍ଠାନ ଗୁଡ଼ିକ ଅଧିକ ସୁଦୃଢ଼ ହେବାକୁ ପଡ଼ିବ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ଗ୍ରାମୀଣ ସଶକ୍ତିକରଣ ଓ ଲୋକ କୈନ୍ଦ୍ରିକ ଶାସନକୁ ବିକଶିତ ଓଡ଼ିଶାର ପ୍ରମୁଖ ସ୍ତମ୍ଭ ଭାବେ ଚିହ୍ନଟ କରାଯାଇଛି। ୨୦୨୬-୨୭ ବଜେଟରେ ଗ୍ରାମୀଣ ବିକାଶ ପାଇଁ ୪୪,୩୦୯ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି। ଏଥିରୁ ଆମ ସରକାରଙ୍କର ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ପ୍ରକାଶ ପାଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜୀ ବିଧାୟକ ଲକ୍ଷ୍ମଣ ବାଗ, ଟିଟଲାଗଡ଼ ବିଧାୟକ ନବୀନ ଜୈନ, ବଲାଙ୍ଗୀର ଜିଲ୍ଲା ପରିଷଦର ଅଧକ୍ଷା ଦେବକୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଜାପାନର ୧୫ ହଜାର କୋଟି ଟଙ୍କା ପୁଞ୍ଜିନିବେଶ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାକୁ ଏକ ଲୌହ ପଥର ଉତ୍ପାଦନକାରୀ ରାଜ୍ୟରୁ ବିଶ୍ୱସ୍ତରୀୟ ଉଚ୍ଚମାନର ଇସ୍ପାତ ନିର୍ମାଣ ହବ୍‌ରେ ପରିଣତ କରିବା ପାଇଁ ଆଜି ଏକ ବଡ଼ ପଦକ୍ଷେପ ନିଆଯାଇଛି। ସମ୍ବଲପୁରର ରେଙ୍ଗାଲୀ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ଏବଂ ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ୍ ମଧ୍ୟରେ ଏକ ଯୁଗ୍ମ ସହଭାଗିତା ଆରମ୍ଭ ହୋଇଛି। ଏହି ସହଭାଗିତା ବିଶେଷ କରି ଇଲେକ୍ଟ୍ରିକାଲ ଷ୍ଟିଲ୍ ଉତ୍ପାଦନରେ ସହାୟକ ହେବ, ଯାହା ଇଲେକ୍ଟ୍ରିକ୍ ଯାନ ଏବଂ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ବିପ୍ଳବ ଆଣିବ। ଏହି ପ୍ରକଳ୍ପ ଜରିଆରେ ଜାପାନ ପକ୍ଷରୁ ଓଡ଼ିଶାରେ ପ୍ରଥମ ଥର ପାଇଁ ୧୫,୦୦୦ କୋଟି ଟଙ୍କାର ଏକକ ପୁଞ୍ଜିନିବେଶ କରାଯାଇଛି। ଏହାଦ୍ୱାରା ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ବର୍ତ୍ତମାନର କ୍ଷମତା ବାର୍ଷିକ ଅତିରିକ୍ତ ୧୦ ନିୟୁତ ଟନ୍ ବୃଦ୍ଧି ପାଇବ, ଯାହା ବିଶ୍ୱ ଇସ୍ପାତ ବଜାରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ୨୦୩୦ ସୁଦ୍ଧା ବାର୍ଷିକ ୧୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିବା ପାଇଁ ଆମେ ପ୍ରତିବଦ୍ଧ। ଏହି ଲକ୍ଷ୍ୟ ପୂରଣ ପାଇଁ ଆମ ପାଖରେ ଆବଶ୍ୟକୀୟ ସମ୍ବଳ, ନୀତି ଏବଂ ଭିତ୍ତିଭୂମି ରହିଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ଘୋଷଣା କରିଛନ୍ତି ଯେ, ରାଜଧାନୀ ଅଞ୍ଚଳ ଭଳି ରାଉରକେଲା, ଝାରସୁଗୁଡ଼ା, ବରଗଡ଼ ଏବଂ ଦେବଗଡ଼କୁ ନେଇ 'ସମ୍ବଲପୁର ଗ୍ରୋଥ୍ କରିଡର' ବିକଶିତ କରାଯିବ। ଏହି କରିଡରରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବା ସହ ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ନିଜ ଗୃହ ଜିଲ୍ଲା କେନ୍ଦୁଝରରେ ନିବେଶ କରିବାକୁ ଜେଏଫଇ ଷ୍ଟିଲ୍ କମ୍ପାନୀକୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦୁଝରରେ ଉଚ୍ଚମାନର ଲୌହ ପଥର ଓ ଉତ୍ତମ ପରିବହନ ବ୍ୟବସ୍ଥା ଯୋଗୁଁ ଉତ୍ପାଦନ ଖର୍ଚ୍ଚ ପ୍ରାୟ ୫୦% ହ୍ରାସ ପାଇବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଅତ୍ୟାଧୁନିକ ହାଇଗ୍ରେଡ୍ ଷ୍ଟିଲ ପ୍ରସ୍ତୁତ କ୍ଷେତ୍ରରେ ଜେଏସଡବ୍ଲ୍ୟୁ ଓ ଜେଏଫଇ ଷ୍ଟିଲ୍'ର ସହଭାଗିତା ଖୁବ୍ ସହାୟକ ହେବ। ଏହି ସହଭାଗିତା ଦ୍ୱାରା ଓଡ଼ିଶାରେ ସମୁଦାୟ ୩୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନାକୁ ସାକାର କରିବା ଦିଗରେ ଆଜିର ଏହି ଜଏଣ୍ଟ ଭେନ୍‌ଚର ଏକ ଐତିହାସିକ ପଦକ୍ଷେପ ସାବ୍ୟସ୍ତ ହୋଇଛି। ଏହାଦ୍ୱାରା ଓଡ଼ିଶା ବିଶ୍ୱର ପ୍ରତିଷ୍ଠିତ ନିବେଶକ ମାନଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନ ଭାବେ ନିଜର ସ୍ଥାନକୁ ଆହୁରି ସୁଦୃଢ଼ କରିପାରିଛି। ସୂଚନାଯୋଗ୍ୟ ଯେ, ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓ ସାଉଥ କୋରିଆ କମ୍ପାନୀ ପୋସ୍କୋ ପକ୍ଷରୁ ଓଡ଼ିଶାର ଢେଙ୍କାନାଳ ଓ କେନ୍ଦୁଝରରେ ଦୁଇଟି ମେଗା ଷ୍ଟିଲ୍ ପ୍ଲାଣ୍ଟ୍ ସ୍ଥାପନ କରାଯାଉଛି। ଏହି ଦୁଇଟି ପ୍ରକଳ୍ପ ବର୍ଷକୁ ୧୧ ମିଲିଅନ ଟନ୍ ଇସ୍ପାତ ଉତ୍ପାଦନ କରିବ। ଏହାଦ୍ୱାରା ଅଗ୍ରଣୀ ଷ୍ଟିଲ ଉତ୍ପାଦକ ରାଜ୍ୟ ମାନଙ୍କ ମଧ୍ୟରେ ଓଡ଼ିଶାର ସ୍ଥାନ ଆହୁରି ସୁଦୃଢ଼ ହେବ। ଏହି କାର୍ଯ୍ୟକ୍ରମରେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ଓନୋ କେଇଚି, ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଭାରତରେ ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଜ୍ଜନ ଜିନ୍ଦଲ, ଜେଏଫଇ ଷ୍ଟିଲ୍ କର୍ପୋରେସନର ସିଇଓ ୟୋଶିହିସା କିତାନୋ ଏବଂ ଜାପାନର ଶିଳ୍ପ ପ୍ରତିନିଧିମାନେ ଯୋଗଦେଇଥିଲେ।


# 'ଓଡ଼ିଶା ହେବ ଦେଶର ଅଗ୍ରଣୀ ମ୍ୟାନୁଫ୍ୟାକ୍‌ଚରିଂ ଓ ଲଜିଷ୍ଟିକ୍ ହବ୍'

ଭୁବନେଶ୍ୱର,(ଜା.ପ୍ର): ସମ୍ବଲପୁରଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭାରତର ଅଗ୍ରଣୀ ଇସ୍ପାତ ନିର୍ମାତା ଜେଏସଡବ୍ଲ୍ୟୁ ଏବଂ ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ଶୁକ୍ରବାର ଯୌଥ ଉଦ୍ୟମ ସ୍ଥାପନର ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। 'ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ଲିମିଟେଡ'ର ଏହି ବିକାଶମୂଳକ ପ୍ରକଳ୍ପ ଦ୍ୱାରା ସମ୍ବଲପୁର ଓ ଝାରସୁଗୁଡ଼ା ସମେତ ଓଡ଼ିଶା ଦେଶର ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ଏବଂ ଲଜିଷ୍ଟିକ୍ ହବରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ବୃହତ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ, ଯାହା ମୁଖ୍ୟତଃ ଉଚ୍ଚମାନର ଗୁଣାତ୍ମକ ଇସ୍ପାତ ଉତ୍ପାଦନ ଉପରେ କେନ୍ଦ୍ରିତ ହେବ। ଓଡ଼ିଶା ଏବଂ ଜାପାନ ମଧ୍ୟରେ ଥିବା ଗଭୀର ଆଧ୍ୟାତ୍ମିକ ସମ୍ପର୍କ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଜେଏଫ୍‌ଇ କମ୍ପାନୀ ପ୍ରଥମ ଥର ପାଇଁ ଜାପାନ ବାହାରକୁ ଆସି ଭାରତର ଜେଏସଡବ୍ଲ୍ୟୁ ସହ ମିଶି ଓଡ଼ିଶାରେ କାର୍ଯ୍ୟ କରୁଛି, ଯେଉଁଠାରେ ଉଭୟ କମ୍ପାନୀ ମିଳିତ ଭାବେ ବାର୍ଷିକ ପ୍ରାୟ ୫୯ ମିଲିୟନ ମେଟ୍ରିକ ଟନରୁ ଅଧିକ ଇସ୍ପାତ ଉତ୍ପାଦନ କ୍ଷମତା ରଖୁଛନ୍ତି। ଏହି ପ୍ରକଳ୍ପ 'ଗ୍ରୀନ୍ ଷ୍ଟିଲ୍' ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ଜେଏସଡବ୍ଲ୍ୟୁ ଏବଂ ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ୫୦:୫୦ ଭାଗିଦାରୀରେ ସମ୍ବଲପୁରରେ ଅବସ୍ଥିତ ଜେଏସଡବ୍ଲ୍ୟୁ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍ ରୁ ୧୦ ମିଲିୟନ ଟନ୍‌କୁ ବୃଦ୍ଧି କରାଯିବାର ଯୋଜନା ରହିଛି। ଏହି ପୁଞ୍ଜିନିବେଶ ଦ୍ୱାରା ସମ୍ବଲପୁର, ଝାରସୁଗୁଡ଼ା ଏବଂ ସମଗ୍ର ପଶ୍ଚିମ ଓଡ଼ିଶା ଅଞ୍ଚଳ ଏକ ଅଗ୍ରଣୀ ମ୍ୟାନୁଫ୍ୟାକ୍‌ଚରିଂ ଏବଂ ଲଜିଷ୍ଟିକ୍ ହବ୍ ଭାବେ ଉଭା ହେବ। ଶିଳ୍ପ ପ୍ରତିଷ୍ଠା ସହିତ ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ ଏବଂ ସାମାଜିକ ସହଭାଗିତାକୁ ପ୍ରାଧାନ୍ୟ ଦେବା ପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏହି ପ୍ରକଳ୍ପ ଓଡ଼ିଶାର ଅର୍ଥନୀତି ପାଇଁ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ। ଏହି ପ୍ରକଳ୍ପ ଜରିଆରେ ଓଡ଼ିଶା ବିଶ୍ୱର ଇସ୍ପାତ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ।

ଜାତୀୟ ଚେତନା
JATIYA CHETANA





# ପକ୍ଷୀବସା

## ସୁନନ୍ଦା ମହାନ୍ତି

ଅନେକ ସମ୍ଭାବନା ଭିତରୁ ବାରିପଟେ ବାକି ଅଧାକ ଜାଗାରେ ଅଧାତୋଳା ଥିବା ଘରକୁ ପୁରା କରିବା ସମ୍ଭାବନାକୁ ସମ୍ଭବ କରିବାକୁ ଜନବଳ, ଧନବଳ, ମନୋବଳ ସାଙ୍ଗକୁ ଆମ୍ବ ଗଛଟା ହଣା ହେବା ଯେ ସୁନିଶ୍ଚିନ୍ତ ଏହା ଜାଣିବା ପରେ ସମ୍ଭାବନାର ସମ୍ଭବ ସ୍ୱପ୍ନଟା ଦିନ ପରେ ଦିନ ଠପ ହୋଇଯାଇଥିଲା ବୃନ୍ଦାବନବାବୁଙ୍କର। କାରଣ ପୁଅ କହୁଥିଲା ମୋ ପିଲା ହେଲେ ଆଉ ହଳଦିବସନ୍ତଟିଏ ଉଡିବାର ଦେଖିବାକୁ ପାଇବନି କି ଏଣ୍ଡୁଅ, ଝିଟିପିଟି, ଚମ୍ପେଇନେଉଳି, ଗୁଣ୍ଡୁଚିମୂଷା ସହିତ ପ୍ରଜାପତି, କଙ୍କି ଜାତୀୟ କୀଟ ପତଙ୍ଗ ଚିହ୍ନିବାକୁ ପାଇବନି। ଯାହାସବୁ ଚିତ୍ରରେ ବହିଭିତରେ ଦେଖିବ। ମାଆ ହସନ୍ତି କୁରୁଳେଇ। ମନ ଭାଙ୍ଗିଯାଏ ବୃନ୍ଦାବନବାବୁଙ୍କର ଯେ ଆଧାତୋଳା ଘରଟାକୁ ତାଙ୍କ ଜୀବନକାଳରେ ବୋଧେ ଉଠେଇ ଛାତ ପକେଇ ଠିଆ କରି ହେବ ନାହିଁ। ପୁଅ ତାର ପିଲାଳିଆମିରେ କଣ କହୁଛି ତ ମାଆର ମୁରୁକୁନ୍ଦିଆ ହସ ବାହାରୁଛି। ସେଇ ଆମ୍ବଗଛ ଦେଇ ମୂଷା, ମାଙ୍କଡ଼ ଓ ଶେଷକୁ ସାପ ପଶିଲା ତ ପୁଅ କହୁଥିଲା ବାପା ଠିକ କହୁଥିଲେ। ଗଛ କାଟିବା ଉଚିତ ନୁହେଁ ସତ କିନ୍ତୁ ଗଛ ଲଗାଇବାର ସ୍ଥିତି ଓ ସ୍ଥାନ ନିରୂପଣ ଠିକ ରହିବା ଦରକାର। ଏମିତିରେ ଗୋଟେ ଆମ୍ବ କଷି ମଧ ମିଳେନା। ବଉଳ ହେବାଠୁ କଷି ହୋଇ ପାଚିଲା ପର୍ଯ୍ୟନ୍ତ ମାଙ୍କଡ଼ ଦାଉ ସାଧୁଥାଆନ୍ତି ଗଛ ଉପରେ। ଦିନ ପରେ ଦିନ ବିତୁଥିବା ବେଳେ ବୃନ୍ଦାବନବାବୁ ଓ ପୁଅ ଆକାଶ ବୁଝିଗଲେଣି ଗଛଟିକୁ କାଟିବା ନିହାତି ଆବଶ୍ୟକ। ନକାଟିଲେ ଏକରେ ବାଡ଼ିପଟ ଜାଗା ବାହାରି ଘର ହୋଇପାରିବ ନାହିଁ। ଦୁଇରେ ପଡୋଶୀ କଳିକୁ ଏଡାଇ ହେବନାହିଁ। ପଡୋଶୀଙ୍କ ଛାତ ଉପରେ ଆମ୍ବ ଗଛର ପତ୍ର ପଡିଲେ, ଡ଼ାଳ ବଢ଼ି ଲମ୍ବିଗଲେ ପ୍ରତିବାଦ। ମାଙ୍କଡ଼ ଓ ସାପ ପଶୁଛନ୍ତିର ଅଭିଯୋଗକୁ ମଧ ଏଡାଇ ଦିଆଯାଇନପାରେ। ଦିନକୁ ଦିନ ଏସବୁ ସ୍ଥିତି ଓ ପରିସ୍ଥିତି କବଳିତ ବୃନ୍ଦାବନବାବୁଙ୍କ ବହୁଦିନର ସ୍ୱପ୍ନ ବାଡିପଟ ଆଧାତୋଳା ଘରଟିକୁ ପୁରା କରିବା ସହିତ ଆମ୍ବ ଗଛ ହାଣିବା ସ୍ୱପ୍ନ ସମ୍ଭାବନା ପାଖେଇ ଆସୁଥାଏ ତ ସେଦିନ ଗଛ କଟାଳି ସବୁ ପହଞ୍ଚିଗଲେ। ଚୂଡ଼ା କଦଳୀ ନଡ଼ିଆ ଗୋଳେଇ ଖାଇ ଗଛ ଉପରକୁ ଚଢିଗଲେ ଖପ ଖାପ।

ଘରଣୀ ଅନୁସୂୟାଙ୍କ ଛାତିର ହୃତସ୍ପନ୍ଦନ ବଢୁଥାଏ। ଏ ଗଛଟା ତାଙ୍କ ବାପାଙ୍କ ସ୍ମୃତି। ପୁରୀରୁ ସାବିତ୍ରୀ ଅମାବାସ୍ୟାରେ ତାଙ୍କ ଝିଅ ଅନସୂୟାଙ୍କ ପାଇଁ ଅଭଡ଼ା ସହିତ ଆମ୍ବ, ପଣସ ଇତ୍ୟାଦି ଫଳମୂଳ ଆଣି ଆସନ୍ତି। ସେସବୁ ଫଳ ଭିତରୁ ସେ ବର୍ଷ ବାପା ଆଣିଥିବା ଦେଶୀ ଆମ୍ବ ଏତେ ମିଠା ଥିଲା ଯେ ଝିଅ ଅନସୂୟାଙ୍କ କଥାରେ ବାପା ଆମ୍ବ ଖାଇବା ପରେ ଟାକୁଆ ପୋତି ଦେଇଯାଇଥିଲେ ଯେ ତାହା ଆଜି ଦ୍ରୁମ। ପୁଣି ସେଥିରେ ପ୍ରତିବର୍ଷ ସେହି ଅଧାତୋଳା ଘର କାନ୍ଥରେ ଭଦଭଦଳିଆ ଚଢେଇ ଦମ୍ପତ୍ତି ଛୁଆ ଫୁଟେଇ ଏଇ ଆମ୍ବ ଗଛ ଡ଼ାଳରେ ଛୁଆକୁ ଉଡ଼ା ଶିଖାନ୍ତି। ବାପା ତ ଆଉ ନାହାଁନ୍ତି କିନ୍ତୁ ବାପଘର ଗୋତ୍ର ଭାରଦ୍ୱାଜ ହୋଇଥିବାରୁ ଏଇ ଭଦଭଦଳିଆ ଚଢେଇଙ୍କୁ ଅନସୂୟାଙ୍କ ବାପା ନିଜ ଗୋତ୍ର ଚିହ୍ନ ରୂପେ ଭାରି ମାନିଥାଆନ୍ତି ତ ପିଲାବେଳୁ ସେ ପକ୍ଷୀ ପ୍ରତି ଅହେତୁକ ଆକର୍ଷଣ ଅନସୂୟାଙ୍କର। ବାପାଙ୍କ ପଛେ ପଛେ ତାଙ୍କ ବୋଉ ଚାଲିଯିବାର ଏ ଭିତରେ ବର୍ଷେ ଉପରେ ହେଲାଣି ତ ସେହି ପକ୍ଷୀ ଦୁହିଁଙ୍କୁ ଦେଖିଲେ ଅନସୂୟାଙ୍କୁ ଲାଗେ ସତେ ଯେମିତି ଦିନ ପରେ ଦିନ ବିତି ତାଙ୍କ ପିତା ମାତା ପକ୍ଷୀ ଭଦଭଦଳିଆ ରୂପରେ ଉଡି ଆସିଛନ୍ତି ସେହି ଆମ୍ବ ଗଛ ଉପରକୁ। ପ୍ରତିଦିନ ଲୁଚେଇ ଲୁଚେଇ ସେ ଦେଖିଯାଆନ୍ତି ପକ୍ଷୀ ଦୁହିଁଙ୍କୁ। ଅନୁସନ୍ଧାନ କରି ଆମ୍ବଗଛରେ ଠ୍ୱା କରୁଥାନ୍ତି ପକ୍ଷୀ ଦୁହିଁଙ୍କୁ ତ ଏବେ ଆମ୍ବଗଛ ହଣା ହୋଇଗଲା ପରେ ଏସବୁ ଏକାନ୍ତ ବ୍ୟକ୍ତିଗତ କଥା ମଧ ସବୁଦିନ ତାଙ୍କ ଭିତରେ ଲୁପ୍ତ ହୋଇଯିବ। ଏମିତି ଭାବୁ ଭାବୁ ଖଣ୍ଡ ଖଣ୍ଡ ଆମ୍ବଡ଼ାଳ ତଳେ ପଡୁଥାଏ ହଣା ହୋଇ ତ ହଠାତ ପାଟି କରିଉଠିଲେ ବୃନ୍ଦାବନବାବୁ। ରୁହ ରୁହ ତ ହଣାଳୀଙ୍କ କାତି ସ୍ଥିର ହୋଇଗଲା। ଦଉଡିଗଲେ ମାଆ ଅନସୂୟା ଓ ପୁଅ ଆକାଶ। ଦେଖିଲେ ପକ୍ଷୀବସାଟିଏ ଖସିପଡ଼ିଛି ଆମ୍ବଡ଼ାଳ ଭିତରୁ ଓ ତା ଭିତରେ ଏକମାତ୍ର ଅଣ୍ଡାଟିଏ। ରଙ୍ଗଟି ଖୁବ ସୁନ୍ଦର। ଆକାଶ ପରି ଗାଢ଼ ଆକାଶିଆ। ଠିକ ଭଦଭଦଳିଆ ପକ୍ଷୀର ପର ରଙ୍ଗ ପରି। କେତେ ସମ୍ଭାବନାର ସେ ପକ୍ଷୀବସା ଠିକ ମଣିଷ ଘର କରିବା ସ୍ୱପ୍ନ ଦେଖିବା ପରି। ଦିନରାତି ଏକାକାର କରି ପକ୍ଷୀବସା କରିବା ଭଳି କଷ୍ଟ କାମ ଭିତରେ ଅଣ୍ଡା ଫୁଟି ପକ୍ଷୀ ଶାବକର ସମ୍ଭାବନା ସ୍ୱପ୍ନ ଉଜାଡି ଦେଇ ଗଛକାଟିବାରୁ ବିରତି ନେଇ ଫେରିଗଲେ କଟାଳିମାନେ ବୃନ୍ଦାବନବାବୁଙ୍କ ନିର୍ଦ୍ଦେଶ ରେ। ଯିବାପୂର୍ବରୁ ପକ୍ଷୀବସାଟିକୁ ଠିକ ଠାକରେ ଗଛ ଉପରେ ରଖିଦେଇ ଯାଅ ବୋଲି କହିଥିଲେ ବୃନ୍ଦାବନ ବାବୁ। ପକ୍ଷୀଙ୍କ ଛୁଆ ଫୁଟି ବାହାରିସାରୁ ଗଛହାଣିବା କହିଥିଲେ ବୃନ୍ଦାବନବାବୁ। ସନ୍ଧ୍ୟାରେ ଗଛ ଉପରେ ଉଡି ଉଡି ଦୁଇ ଭଦଭଦଳିଆ ପକ୍ଷୀ ସନ୍ଧାନ କରୁଥିଲେ ତାଙ୍କ ସମ୍ଭାବନା ସ୍ୱପ୍ନ କୁ ତ ଅନସୂୟା ଡାକି ଦେଖାଉଥିଲେ ସ୍ୱାମୀ ବୃନ୍ଦାବନ ବାବୁ ଓ ପୁଅ ଆକାଶକୁ। କହୁଥିଲେ ଦେଖ ଦେଖ ପୁଅ ତୋ ପୁଅ ଝିଅ ହେଲେ ଭଦଭଦଳିଆ ପକ୍ଷୀ ଦେଖିବେ। ବୃନ୍ଦାବନବାବୁ ତାଙ୍କ ଘରତୋଳା ସମ୍ଭାବନାକୁ ଆମ୍ବଗଛ ପରି ଅନେକ ପକ୍ଷୀ ସମ୍ଭାବନାର ସ୍ଥଳୀକୁ ଆଉ କାଟିବେନି ବୋଲି ସ୍ଥିର କରିସାରିଥିଲେ ମନେ ମନେ ଏଭିତରେ। ବିତୁଥିଲା ଦିନ ପରେ ଦିନ।

ଦିନ ପରେ ଦିନ ବିତି ଚାଲିଥିଲା। ପକ୍ଷୀମାନଙ୍କ ଉପରେ ଥେସିସଟି ଖୁବ ଭଲ ହୋଇଥିବ ବୋଲି ବାପା ମାଆ ଯେତେ ନିର୍ଭର ପ୍ରତିଶ୍ରୁତି ଦେଲେ ମଧ ପୁଅ ଆକାଶ ର ମନ ମାନୁନଥିଲା। ଜେଜେମା ନାଁହାଁନ୍ତି ଆଉ ତା ସଫଳତା ପାଇଁ ଠାକୁରଙ୍କୁ ମାନସିକ କରିବେ। ଜେଜେ ମଧ ଥାଇ ନଥିଲା ପରି ଅବସ୍ଥା ନଚେତ ଆକାଶର ର ଭାବନା ସହିତ କେତେ କଥା ଯୋଡି ନୂଆ ପିଢ଼ି ପାଇଁ ଉତ୍ସାହ ଭରିଦେଉଥାଆନ୍ତେ। ସତରେ ବୁଢା ବୁଢ଼ୀ ଲୋକଙ୍କୁ ବୟସ୍କ ନଭାବି ବରିଷ୍ଠ ଭାବି ତାଙ୍କ ଅନୁଭୂତି ନେଇ ଓ ଆଶୀର୍ବାଦ ପାଇ ଆଗେଇ ଗଲେ ଜୀବନରେ ନିଶ୍ଚୟ ସଫଳତା ମିଳିଥାଏ। ସେଇଥି ପାଇଁ ତ ଜେଜେମା ଠାରୁ ଶୁଣିଥିବା ସେଇ ଗଳ୍ପଟି କଥା ଆଜି ଖୁବ ମନେ ପଡେ ଆକାଶ ର। ସେହି ଗଳ୍ପଟିରେ ଗୋଟିଏ ଦେଶର ଜଣେ ରାଜା ରାଜ୍ୟର ସବୁ ବୟସ୍କ ବୁଢା ବୁଢ଼ୀଙ୍କୁ ରାଜ୍ୟ ବାହାରକୁ ବିତାଡିତ କାରିବାକୁ ଆଦେଶ ଦେଇଥିଲେ। ରାଜ୍ୟର ଜଣେ ଚାଷୀ କିନ୍ତୁ ତା ବୃଦ୍ଧ ବୃଦ୍ଧା ବାପା ମାଆଙ୍କୁ ଲୁଚାଇ ରଖିଥିଲା। ରାଜ୍ୟରେ ଯେତେବେଳେ ଦୈବ ଦୁର୍ବିପାକ ଜନିତ ଦୁଃଖ କଷ୍ଟ ହେଉ ବା ଆଭ୍ୟନ୍ତରୀଣ ବ୍ୟାପାରର ସମାଧାନର ସୂତ୍ର ପାଇଁ ହେଉ ବାଟ ମିଳୁନଥିଲା କି ବିଜ୍ଞ ଲୋକ କି ଜ୍ଞାନୀ ଲୋକ କିଛି କହିପାରୁନଥିଲେ ସେତେବେଳେ ରାଜା ହୃଦୟଙ୍ଗମ କାରିଥିଲେ ଅନୁଭବି ଲୋକ ହିଁ ଏହି ପ୍ରକାର ଦୁର୍ଦ୍ଦିନର ସହାୟକ ହୋଇ ପାରିଥାଆନ୍ତେ। ମାତ୍ର ନେଡି ଗୁଡ଼ କହୁଣୀକୁ ବୋହିଗଲେ ଯେମିତି ଚାଟି ହୁଏନା ରାଜା ସେହିପରି ସବୁ ଅଭିଜ୍ଞ ବୁଢା ବୁଢୀଙ୍କୁ ରାଜ୍ୟରୁ ବିତାଡିତ କରି ପସ୍ତଉଥିଲେ। ନଇଁ ପଡ଼ିଥିବ ଯେତିକି ବେଳେ ବିଧାଏ ମାରିବ ସେତିକି ବେଳେ ନ୍ୟାୟ ରେ ଚାଷୀ ଏବେ ନିଜ ବାପାଙ୍କୁ ପଚାରି ତାଙ୍କ ବୁଦ୍ଧି, ବଳ, କୌଶଳ ଦ୍ୱାରା ରାଜ୍ୟରେ ଓ ରାଜ୍ୟକୁ ପଡ଼ିଥିବା ବିପତ୍ତିର ଆଶୁ ପ୍ରତିକାର କହିଦେବା ଦ୍ୱାରା ରାଜା ଓ ରାଜ୍ୟର ସମସ୍ୟା ଚାଲିଯାଇଥିଲା। ରାଜାଙ୍କର ସେହି ଚାଷୀଙ୍କ ଉପରେ ସନ୍ଦେହ ହୋଇଥିଲା। ଏହା ତୁମ ନିଜ ବୁଦ୍ଧି ନୁହେଁ କହିବାରୁ ଚାଷୀ ସବୁ ସତ କଥା ମାନି ନିଜ ବାପାଙ୍କ ଠାରୁ ବୁଝି ଏସବୁ କରିବାକୁ ଓ କହିବାକୁ ସମର୍ଥ ହୋଇଛନ୍ତି ବୋଲି ସତ ମାନିଯାଇଥିଲେ। ରାଜାଙ୍କ ଦ୍ୱାରା ଏଥର ତାଙ୍କ ମୁଣ୍ଡକାଟ ସୁନିଶ୍ଚିତ ଭାବୁଥିଲେ ସମସ୍ତେ କିନ୍ତୁ ଚାଷୀଙ୍କ ମୁଣ୍ଡରେ ଶିରପା ଶାଢ଼ୀ ବାନ୍ଧି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଖୋଦ ରାଜା। ସବୁ ପୁଅ ମାନେ ନିଜ ବୃଦ୍ଧ ପିତା ମାତାଙ୍କୁ ଏହିଭଳି ସୁରକ୍ଷା ଦେଇପାରିଲେ ଦେଶ, ଜାତି ଓ ରାଜ୍ୟର ଗୌରବ ଫେରିପାରିବ ବୁଝି ନିଜର ଭୁଲକୁ ସୁଧାରିବାକୁ ଯାଇ ନିର୍ବାସିତ ବୃଦ୍ଧ ବୃଦ୍ଧାଙ୍କୁ ଫେରେଇ ଆଣିଥିଲେ ରାଜ୍ୟକୁ। ଦିନ ପରେ ଦିନ ବିତୁଥିଲା। ଜେଜେଙ୍କର କିନ୍ତୁ ରୋଗ ବଢୁଥିଲା। ରୋଗ, ଋଣ ସମୟ ଭଳି ନିଶ୍ଚଳତାକୁ ହାତ କାହାର ଅଛି ଭାବି ନାତି ଆକାଶ କୌଣସି ସାଧୁବାବାଙ୍କ ପାଖକୁ ଯାଇ ନିଜ ଭବିଷ୍ୟତ ବିଷୟରେ ପରାମର୍ଶ ଲୋଡ଼ିବାକୁ ବାହାରିଲା ବେଳେ ଜେଜେ ତାଙ୍କ ନିଶ୍ଚଳ ଅବସ୍ଥାରୁ କେଇ ମୁହୂର୍ତ୍ତ ଉଠିବସିଲେ ଓ କହିଲେ ତୋ ଜେଜେମା ବଞ୍ଚିଥିଲେ କହିଥାଆନ୍ତା ଯେ ଭଣ୍ଡ ବାବା ଯଦି କହନ୍ତେ ସତ। ଦ୍ୱାରେ ଦ୍ୱାରେ ବୁଲି ମାଗନ୍ତେ ନାହିଁ ଭିକ। ଏଥର ନିଜ ଭୁଲ ବୁଝି ନାତି ଶାନ୍ତିରେ ଓ ସଫଳତା ପାଇବାକୁ ନିଶ୍ଚଳ ନରହି ନିଜ ଉଦ୍ୟମକୁ ଓ ନିଜ କର୍ମକୁ ବୁଝି ଆଗେଇ ଯିବା ଉଚିତ ବୋଲି ବୁଝିଥିଲା। ଦିନ ପରେ ଦିନ ବିତୁଥିଲା। ସତକୁ ସତ ନାତି ଆକାଶ ର ପକ୍ଷୀ ଉପରେ ଗବେଷଣାତ୍ମକ ଥେସିସଟି ପୁରସ୍କୃତ ହେଲାବେଳକୁ ଜେଜେ କିନ୍ତୁ ବାଦୁଡ଼ି ପରି ଉଡି ଯାଇଥିଲେ ଜେଜେମା ପାଖକୁ। ନିଜର କୃତିତ୍ୱ ଭିତରେ ମଧ ଏହି ଦୁଃଖରେ ନାତି ଆକାଶ ଏକଦମ ନିଶ୍ଚଳ ଓ ଦୁଃଖୀ ଥିଲା।

ଯେଉଁଦିନ ସମସ୍ତ ଛାତ୍ରମାନଙ୍କୁ ସେମାନଙ୍କ ଭିର୍ନ୍ନ ଭିର୍ନ୍ନ କ୍ଷେତ୍ରରେ ପ୍ରତିଭା ଓ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଉଥିଲା ସେଦିନ ପ୍ରିନସିପାଲ ଏକ ଅଭିନ୍ୱ ଯୋଜନା କରିଥିଲେ। ସେମାନେ ଏଥର ସମସ୍ତ ଛାତ୍ର ଛାତ୍ରୀଙ୍କ ପିତାମାତାଙ୍କ ସହିତ ଗ୍ରାଣ୍ଡ ପିତା ମାତା ବା ଜେଜେ ଓ ଜେଜେମାଆମାନଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ କରିଥିଲେ। ଏଥର ଅଭିଭାଷଣରେ ପ୍ରିନ୍ସିପାଲ କହିଥିଲେ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ଗ୍ରାଣ୍ଡ ଫାଦର ଓ ମଦରଙ୍କ ଜିନରୁ ପରବର୍ତ୍ତୀ ପିଲାମାନଙ୍କ ପାଖକୁ ସୃଜନୀଶୀଳତା ଆସିଥାଏ ତେଣୁ ସେହି ବରିଷ୍ଠ ଓ ବୟସ୍କ ତଥା ଅନୁଭୂତିସମ୍ପର୍ଣ୍ଣ ଗୁରୁଜନମାନଙ୍କୁ ମିଳିତ ପ୍ରଣାମୀ ଜଣେଇବାକୁ ଆଜିର ଦିବସରେ ଶପଥ ନେବାକୁ ସେମାନଙ୍କୁ ଏହି ମଞ୍ଚକୁ ଡକାଯାଇଛି। ଆସ ସମସ୍ତେ ସମ୍ମିଳିତ ଭାବେ ତାଙ୍କୁ ପ୍ରଣାମ ଜଣେଇ ତା ପରେ ବିଭିର୍ନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାକୁ ତାଙ୍କ ପିତାମହ ଓ ପିତାମହୀଙ୍କୁ ନିମନ୍ତ୍ରଣ କରି ଯିବ ଷ୍ଟେଜ ଉପରକୁ। ସେମାନେ ଆସି ତାଙ୍କ ଉତ୍ତରୋତ୍ତର ଦାୟାଦମାନଙ୍କୁ ନିଜ ହାତରେ ସମ୍ବର୍ଦ୍ଧନା କରିବା ହେବେ। ଆକାଶ ବେଳକୁ ତାର ପିତା ଓ ମାତା ଷ୍ଟେଜ ଉପରକୁ ଆସିଥିଲେ ଓ ତାଙ୍କ ହାତରୁ ଟ୍ରଫି ଇତ୍ୟାଦି ଗ୍ରହଣ କରୁ କରୁ ଆଖି ଛଳ ଛଳ ଓ ହୃଦୟ ଭିତରୁ କୋହ ଉଠୁଥିଲା ସ୍ୱର୍ଗୀୟ ଜେଜେ ଓ ଜେଜେମାଙ୍କ ପାଇଁ। ଆକାଶର ଜେଜେ ଓ ଜେଜେମାଆ ବାଦୁଡ଼ି ହେଉ ହେଉ ଉଡି ସାରିଥିଲେ ତାଙ୍କ ବାହୁଡ଼ା ନୀଡ଼କୁ, ଆକାଶରେ ତାରା ହେବାକୁ। ଦିନ ପରେ ଦିନ ବିତି ସାରିଥିଲା।

ବାଡ଼ିପଟ ଆମ୍ବଗଛ କଟା ହୋଇନଥିଲା। ପକ୍ଷୀ ବସାକରୁଥିଲେ ସବୁ ବର୍ଷ ଆମ୍ବଗଛ ଡ଼ାଳରେ। ପୁଅ ଆକାଶ ବାହା ହୋଇ ତାର ପୁଅଟିଏ ହେଲା ବେଳକୁ ବାପା ମାଆ ଆଗପଛ ହୋଇ ଚାଲିଗଲେ। ଆମ୍ବଗଛ ପାଇଁ ପ୍ରତିବେଶୀଙ୍କର ଯେପରି କିଛି ଅସୁବିଧା ନହୁଏ ଅର୍ଥାତ ତାଙ୍କ ଛାତରେ ପତ୍ର ଜମା ହେବା,ଗଛଦେଇ ମାଙ୍କଡ଼ ବା ସାପ ସେପଟକୁ ନଯିବା ଇତ୍ୟାଦି କଥା ସବୁକୁ ନଜରରେ ରଖି ଡ଼ାଳ ହାଣୁ ହାଣୁ ଗଛ କୋରଡ଼ରେ ଗୁଣ୍ଡୁଚିମୂଷା ଦେଖି ଆକାଶର ପୁଅ ବାବା ବହୁତ ଖୁସି ହେଉଥିଲା ତ ଆକାଶ ଗୁଣ୍ଡୁଚିମୂଷା ବିଷୟରେ ସୁନ୍ଦର କାହାଣୀଟିଏ କହିଥିଲା ପୁଅ ବାବାକୁ। ତ୍ରେତୟା ଯୁଗରେ ରାମଙ୍କ ବନବାସ ସମୟରେ ମାତା ସୀତାଙ୍କୁ ରାବଣ ନେଇ ଅଶୋକ ବଣରେ ରଖିଥାଏ। ରାମଙ୍କ ଭକ୍ତ ହନୁମାନ ଉଡି ଉଡି ଯାଇ ସୀତାଙ୍କୁ ଠ୍ୱା କରି ଆସିଥାନ୍ତି। ସୀତାଙ୍କୁ ଅସୁର ରାବଣ କବଳରୁ ରକ୍ଷା କରିବାକୁ ହେଲେ ଲଙ୍କାକୁ ଯିବାକୁ ସମୁଦ୍ର ପଥରେ ରାସ୍ତା ନିର୍ମାଣ ଜରୁରୀ ଓ ଅତ୍ୟାବଶ୍ୟକ ଥିବାରୁ ହନୁମାନ, ସୁଗ୍ରୀବ ଓ ବାନର ସେନା ମିଶି ଲଙ୍କାରେ ପହଞ୍ଚିବା ପାଇଁ ସମୁଦ୍ରରେ ସେତୁବନ୍ଧ ବାନ୍ଧୁଥାଆନ୍ତି, ପ୍ରଭୁ ଶ୍ରୀରାମଙ୍କ ଅନୁମତିରେ। ଏହି ସମୟରେ ଛୋଟ ଗୁଣ୍ଡୁଚି ମୂଷାଟିଏ ସମୁଦ୍ରରେ ଦେହ ଧୋଇ ବାଲିରେ ଗଡି, ଯାଇ ନିଜ ଦେହର ଧୂଳିକୁ ରାସ୍ତା ହେଉଥିବା ସେତୁବନ୍ଧ ଉପରେ ଦେଉଥାଏ ଦେହ ଝାଡ଼ି। ଏ ଦୃଶ୍ୟ ଦେଖି ପ୍ରଭୁ ଶ୍ରୀ ରାମଚନ୍ଦ୍ର ସ୍ନେହରେ ଗୁଣ୍ଡୁଚି ମୂଷା ପିଠିକୁ ତାଙ୍କ ହାତରେ ସାଉଁଳି ଦେବାରୁ, ଦିନ ପରେ ଦିନ ବିତି ଯାଇଥିଲେ ମଧ ଗୁଣ୍ଡୁଚିମୂଷାମାନଙ୍କ ପିଠିରେ ପ୍ରଭୁଙ୍କ ସେହି ତିନି ଆଙ୍ଗୁଳିର ଚିହ୍ନ ରହିଯାଇଛି ତିନିଗାର ହୋଇ। ଗପଟି ଶୁଣିବା ପରଠୁ ପୁଅ ବାବା ଭିତରେ ଅନେକ ଭାବନା। ସେ ପଚାରୁଥିଲା ଜେଜେ ଓ ଜେଜେମାଙ୍କ ଫଟୋ ଦେଖୁଛି ହେଲେ ସେ କଣ କଣ ଆଉ ସବୁ ଏପରି ଚିହ୍ନ ରଖିଛନ୍ତି କୁହ ବାପା ? ଆମ୍ବଗଛଟିକୁ ଜାବୁଡି ବାପା ଆକାଶ କହୁଥିଲେ ଏଇ ଆମ୍ବଗଛକୁ ବଞ୍ଚାଇ ରଖିବାର ଚିହ୍ନ ପୁଅ। ସେଇଦିନଠାରୁ ପୁଅ ବାବା ଗାନ୍ଧୀଜୟନ୍ତୀରେ ବଉଳ ଗଛ, ଗୋପବନ୍ଧୁଙ୍କ ଜନ୍ମ ଦିନରେ ଶାଳ ଗଛ, ପୁଣି ସମସ୍ତ ବରପୁତ୍ର ଓ ଠାକୁର କୃଷ୍ଣଜନ୍ମ,ରାମଜନ୍ମ, ସାଇବାବାଙ୍କ ଜନ୍ମ ଦିନରେ ମଧ ବର, ଓସ୍ତ, ଲିମ୍ବ, ଜାମୁ, ପିଆଶାଳ, ଅଁଳା ଆଦି ଗଛ ଚାରାସବୁକୁ ନିଜ ପକେଟ ଖର୍ଚ୍ଚରୁ କିଣି ପୋତି ଚାଲିଥିଲା। ବାପା ଆକାଶ ପଚାରିଲେ କହୁଥିଲା ଏସବୁ ଗଛର ଆୟୁଷ ଶହ ଶହ ବର୍ଷ ବାପା। ଦିନ ପରେ ଦିନ ବିତି ଯାଇଥିଲେ ମଧ ପ୍ରତିବର୍ଷ ଘରେ ପିତୃପୁରୁଷଙ୍କ ଶ୍ରାଦ୍ଧରେ ଯେମିତି ଆମେ ସେମାନଙ୍କୁ ମନେପକାଉ ସେମିତି ସ୍କୁଲ କଲେଜରେ ଜାତୀୟ ସ୍ତରର ବଡ଼ମଣିଷ ଅର୍ଥାତ ବରପୁତ୍ରମାନଙ୍କ ଜନ୍ମଦିନ ପାଳନ କରାଯାଇ ଆମେ ତାଙ୍କୁ ମନେପକାଅଇ ପାରୁଛୁ। ସେମିତି ଏ ଗଛ ତଳେ ବସି ପ୍ରତ୍ୟେକ ବାଟୋଇ ଗଛ ଦେଖି ଓ ଗଛରେ ବଡ଼ ମନୀଷୀମାନଙ୍କର ନାମ ଫଳକ ଦେଖି ସେମାନଙ୍କ କାମର ସ୍ମୃତି ଚାରଣ କରିବେ। ଯେମିତି ଆଜି ଗୁଣ୍ଡୁଚିମୂଷା କାହାଣୀ ଶୁଣି ମନ ଭିତରେ ବିନା ସ୍ୱାର୍ଥ ରେ ସେବା ପାଇଁ କିଛି ଦେବାକୁ ହୁଏ ବୋଲି ମନରେ ଆସୁଛି !ବାପା ଆକାଶ ଚୁପ ହୋଇଯାଇଥିଲେ ପୁଅ ବାବା କଥାରେ।

ଏ ଭିତରେ ବାବା ତାଙ୍କ ଘର ଆଗରେ ଲଗାଇଥିବା ବରଗଛଟି ଖୁବ ବଡ଼ ହୋଇଯାଇଥାଏ। ତା ମାଆ ପ୍ରତିଦିନ ସେହି ବରଗଛକୁ ପୂଜା କରନ୍ତି। ବାପା ଆକାଶ ମଧ ଛାତ ଉପରେ ବସି ଅନେକ ପକ୍ଷୀ ଦେଖୁ ଦେଖୁ ବାର୍ଡ ଚଢେଇ କଥା କହୁଥାନ୍ତି ବାବାକୁ। ବାବା ମନରେ ମଧ ଅନେକ ପ୍ରଶ୍ନ। ପକ୍ଷୀ ବା ଚଢେଇକୁ ଇଂରାଜିରେ ବାର୍ଡ କୁହାଯାଏ। ତେବେ ବାର୍ଡ ଚଢେଇ ବୋଲି କହୁଥିବା ବାପା ଅକାଶ ପୁଅ ବାବାକୁ ତାଙ୍କ ପିଲାଦିନ କଥା କହୁଥିଲେ। ପିଲାଦିନେ ଖାଇବା ପିଇବାକୁ ଅଝଟ ହେଲେ ତୋ ଜେଜେମା ମତେ ଏଇ ଚଢେଇକୁ ଦେଖେଇ କହେ ବାର୍ଡ ତୁ ଖାଇବୁ? ଆସ ଆସ ଖାଇବୁ କହିଲେ ମୁଁ କାଳେ ଖାଇନିଏ। ତା ପରଠୁ ସେହି ପକ୍ଷୀର ଏପରି ନାମକାରଣ ରହିଯାଇଛି ପୁଅ। ବାବା କହୁଥିଲା ମଣିଷ ଜନ୍ମ ହେଲେ ଦିନେ ମରିବ। ପ୍ରଭୁ ରାମଚନ୍ଦ୍ର ଓ ଶ୍ରୀକୃଷ୍ଣ ମଧ ମାନବ ଦେହ ଧରି ଦିନେ ଜନ୍ମ ହୋଇ ଦିନେ ମୃତ୍ୟୁ ବରଣ କରିଥିଲେ କିନ୍ତୁ ତାଙ୍କ ବିଷୟରେ ବହି ରାମାୟଣ ଓ ମହାଭାରତ ପଢି, ପିଢ଼ି ପରେ ପିଢ଼ି ଯେମିତି ସବୁକଥା ଜାଣୁଛନ୍ତି ଘରେ ଘରେ ମଧ ଅନେକ କଥା କାହାଣୀ। ସେସବୁକୁ ଶବ୍ଦ ରୂପ ଦେଇ ଗଳ୍ପ, କବିତା, କାହାଣୀ ଲେଖିବାର କେତେ ଆବଶ୍ୟକତା ରହିଛି ନା ବାପା ! ଡିଜିଟାଲ ଯୁଗରେ ଆଉ ବହି କେହି କିଏ ପଢୁନାହାଁନ୍ତି କହିବା ଭାରି ସହଜ କିନ୍ତୁ ବହି ଲେଖି, ଛାପି, ଲାଇବ୍ରେରୀ କରି ରଖିଲେ ସମସ୍ତେ ପଢିବେ। ପୁଅର କଥା ଶୁଣି ବାପା ଆକାଶ ଭାବୁଥିଲେ ପୁଅ ତାଙ୍କର ଖୁବ ବଡ଼ ହୋଇଯାଇଛି ଏବେ ଦିନ ପରେ ଦିନ ବିତି ସାରିଛି। ଆକାଶ ଏବେ ଅବସର ପରେ ନିଜ ପିଲାଦିନ, ନିଜ ଚତୁଃପାର୍ଶ୍ୱରେ ଥିବା ପରିବେଶ ଓ ଅନୁଭୂତିକୁ ସବୁ ନେଇ ଶିଶୁଗଳ୍ପ, କବିତା ଲେଖୁଥିଲା ବେଳେ ବରଗଛଟିରେ ଥିବା ପକ୍ଷୀବସା ତାଙ୍କୁ ଲେଖିବା ପାଇଁ ନୂଆ ସମ୍ଭାବନା ଦେଇଚାଲିଥିଲା ନିଜ ପୁଅ ବାବାର କଥା ଭଳି। ଆଉ ସେ ଲେଖିଚାଲିଥିଲେ ଦୃଷ୍ଟାନ୍ତ ସହ ଅନେକ ବାର୍ତ୍ତାକୁ ନେଇ ଦିନ ପରେ ଦିନ କାହାଣୀ,କବିତା,ଶିଶୁଗଳ୍ପ, ପ୍ରବନ୍ଧ ଆଦି ଭାଷାର ରୂପାନ୍ତର। ବାବା କହୁଥିଲା ଆମେ ଓଡ଼ିଆ ଆମ ଭାଷା ବଢିଆ।

*ସାକ୍ଷୀଗୋପାଳ, ପୁରୀ*
*ମୋ: ୯୦୪୦୯୭୭୩୨୭*

ଜାତୀୟ ଚେତନା
JATIYA CHETANA



# ସିଜନ୍‌ରେ ଗୁଜରାଟର ଚତୁର୍ଥ ବିଜୟ




ଚେନ୍ନାଇ,(ଏଜେନ୍ସି): ଗୁଜରାଟ ଟାଇଟନ୍ସ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ୮ ୱିକେଟ୍‌ରେ ହରାଇ ଚଳିତ ଆଇପିଏଲ୍ ସିଜନ୍‌ର ଚତୁର୍ଥ ବିଜୟ ହାସଲ କରିଛି। ଗୁଜରାଟ ୮ ମ୍ୟାଚ୍‌ରେ ୪ ବିଜୟ ଏବଂ ୪ ପରାଜୟ ସହ ପଏଣ୍ଟ୍ ଟେବଲ୍‌ର ପଞ୍ଚମ ସ୍ଥାନରେ ପହଞ୍ଚିଛି। ଅନ୍ୟପକ୍ଷରେ ଚେନ୍ନାଇ ୩ ବିଜୟ ଓ ୫ ପରାଜୟ ସହ ଷଷ୍ଠ ସ୍ଥାନରେ ରହିଛି। ରବିବାର ଅପରାହ୍ଣ ସାଢ଼େ ୩ଟାରେ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ ପାଇଥିବା ଚେନ୍ନାଇ ୭ ୱିକେଟ୍ ହରାଇ ୧୫୮ ରନ୍ କରିଥିଲା। ଜବାବରେ ଗୁଜରାଟ ୧୬.୪ ଓଭର୍‌ରେ ୨ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି।

୧୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଗୁଜରାଟକୁ ସାଇ ସୁଦର୍ଶନ ଓ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ଭଲ ଆରମ୍ଭ ଦେଇଥିଲେ। ପ୍ରଥମ ୱିକେଟ୍ ପାଇଁ ୫୮ ରନ୍ ଯୋଡ଼ିବା ପରେ ଗିଲ୍ ୩୩ ରନ୍ କରି ନୁର୍ ଅହମଦଙ୍କ ବଲ୍‌ରେ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତାଙ୍କ ୨୩ ବଲ୍‌ର ଇନିଂସ୍‌ରେ ଗୋଟିଏ ଚୌକା ଓ ୩ଟି ଛକା ସାମିଲ ଥିଲା। ଏହାପରେ ସାଇ ସୁଦର୍ଶନ ୪୬ ବଲ୍‌ରେ ୪ ଚୌକା ଓ ୭ ଛକା ସହାୟତାରେ ୮୭ ରନ୍ କରି ଅକିଲ୍ ହୁସେନ୍‌ଙ୍କ ବଲ୍‌ରେ ଡେୱାଲ୍ଡ ବ୍ରେଭିସ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଆଉଟ୍ ପୂର୍ବରୁ ସେ ଜୋସ୍ ବଟ୍‌ଲର୍‌ଙ୍କ ସହ ୬୦ ବଲ୍‌ରେ ୯୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ବଟ୍‌ଲର୍ ୩୦ ବଲ୍‌ରେ ୩୯ ରନ୍ କରି ୱାଶିଂଟନ୍ ସୁନ୍ଦର (୧)ଙ୍କ ସହ ଅପରାଜିତ ଫେରିଥିଲେ।

ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ୩୭ ରନ୍‌ରେ ୪ଟି ୱିକେଟ୍ ହରାଇଥିଲା। ଓପ୍ନର୍ ସଞ୍ଜୁ ସାମ୍‌ସନ୍ ୧୧ ରନ୍ କରିଥିବା ବେଳେ ଉର୍ବିଲ୍ ପଟେଲ୍ ୪ ରନ୍ କରି କାଗିସୋ ରବାଡ଼ାଙ୍କ ଶିକାର ହୋଇଥିଲେ। ସର୍‌ଫରାଜ୍ ଖାନ୍ ଖାତା ଖୋଲିପାରି ନଥିବା ବେଳେ ଡେୱାଲ୍ଡ ବ୍ରେଭିସ୍ (୨) ଶସ୍ତାରେ ଆଉଟ୍ ହୋଇଥିଲେ। ତେବେ ଏହାପରେ କ୍ୟାପ୍‌ଟେନ୍ ଋତୁରାଜ ଗାଏକ୍‌ୱାଡ୍ ଇନିଂସ୍ ସମ୍ଭାଳି ଟିମ୍‌ର ସ୍କୋର୍ ୧୫୮ ରନ୍‌ରେ ପହଞ୍ଚାଇଥିଲେ। ସେ ୬୦ ବଲ୍‌ରେ ୬ ଚୌକା ଓ ୪ ଛକା ସହାୟତାରେ ୭୪ ରନ୍ କରି ଅପରାଜିତ ରହିଥିଲେ। ଶିଭମ୍ ଦୁବେ ୨୨, କାର୍ତ୍ତିକ ଶର୍ମା ୧୫ ଏବଂ ଜେମି ଓଭର୍‌ଟନ୍ ୧୮ ରନ୍‌ର ଯୋଗଦାନ ଦେଇଥିଲେ। ଗୁଜରାଟ ପକ୍ଷରୁ କାଗିସୋ ରବାଡ଼ା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ତାଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ତାଙ୍କ ବ୍ୟତୀତ ଅର୍ଶଦ୍ ଖାନ୍ ୨ଟି, ମହମ୍ମଦ ସିରାଜ୍ ଓ ମାନବ ସୁଥାର ୧-୧ ସଫଳତା ପାଇଥିଲେ।

## ସୁପର୍ ଓଭର୍‌ରେ ଜିତିଲା କୋଲ୍‌କାତା

ଲକ୍ଷ୍ନୌ,(ଏଜେନ୍ସି): ଚଳିତ ଆଇପିଏଲ୍‌ର ପ୍ରଥମ ସୁପର୍ ଓଭର୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ବିଜୟୀ ହୋଇଛି। ସ୍ଥାନୀୟ ଇକାନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ କୋଲ୍‌କାତା ପ୍ରଥମେ ୭ ୱିକେଟ୍‌ରେ ୧୫୫ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ୮ ୱିକେଟ୍ ବିନିମୟରେ ସମାନ ୧୫୫ ରନ୍ କରିଥିଲା। କାର୍ତ୍ତିକ ତ୍ୟାଗୀଙ୍କ ଶେଷ ବଲ୍‌ରେ ଛକା ମାରି ମହମ୍ମଦ ଶମୀ ମ୍ୟାଚ୍ ଟାଇ କରିଥିଲେ। ସୁପର୍ ଓଭର୍‌ରେ କୋଲ୍‌କାତା ପକ୍ଷରୁ ସୁନିଲ୍ ନାରାୟଣ ଚମତ୍କାର ବୋଲିଂ କରି ଲକ୍ଷ୍ନୌକୁ ମାତ୍ର ୧ ରନ୍‌ରେ ରୋକି ଦେଇଥିଲେ। ସେ ନିକୋଲାସ୍ ପୂରଣଙ୍କୁ ବୋଲ୍ଡ କରିଥିବା ବେଳେ ୩ୟ ବଲ୍‌ରେ ଏଡେନ୍ ମାର୍କରମ୍‌ଙ୍କୁ ରିଙ୍କୁ ସିଂହଙ୍କ ହାତରେ କ୍ୟାଚ୍ କରାଇଥିଲେ। ଜବାବରେ ପ୍ରିନ୍ସ ଯାଦବଙ୍କ ପ୍ରଥମ ବଲ୍‌ରେ ରିଙ୍କୁ ଚୌକା ମାରି ଟିମ୍‌କୁ ଚଳିତ ସିଜନ୍‌ର ପ୍ରଥମ ସୁପର୍ ଓଭର୍‌ରେ ବିଜୟୀ କରାଇଥିଲେ। ପ୍ରଥମେ ବ୍ୟାଟିଂ ପାଇଥିବା କୋଲ୍‌କାତାର ଆରମ୍ଭ ବହୁ ଖରାପ ଥିଲା ଏବଂ ଟିମ୍ ୯୩ ରନ୍‌ରେ ୭ ୱିକେଟ୍ ହରାଇଥିଲା। ଏହାପରେ ରିଙ୍କୁ ସିଂହ ଇନିଂସ୍ ସମ୍ଭାଳି ୫୧ ବଲ୍‌ରେ ୮୩ ରନ୍ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟର୍‌ର ସବୁଠୁ ବଡ଼ ଇନିଂସ୍। ତାଙ୍କ ଇନିଂସ୍‌ରେ ୭ ଚୌକା ଓ ୫ ଛକା ସାମିଲ ଥିଲା। ଅନ୍ତିମ ଓଭର୍‌ରେ ସେ ଚାରିଟି ଛକା ମାରିଥିଲେ। କାମେରନ୍ ଗ୍ରୀନ୍ ୩୪ ରନ୍‌ର ଯୋଗଦାନ ଦେଇଥିଲେ। ଲକ୍ଷ୍ନୌ ପକ୍ଷରୁ ମୋହସିନ୍ ଖାନ୍ ୫ ୱିକେଟ୍ ଅକ୍ତିଆର କରିଥିଲେ। ସେ ଗ୍ରୀନ୍, ଅନୁକୂଳ ରାୟ, ରୋଭମାନ୍ ପାୱେଲ୍, ଟିମ୍ ସିଫର୍ଟ ଏବଂ ଆଜଙ୍କ୍ୟ ରାହାଣେଙ୍କୁ ଆଉଟ୍ କରିଥିଲେ। ଜବାବରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଟିମ୍ ପକ୍ଷରୁ କ୍ୟାପ୍‌ଟେନ୍ ଋଷଭ ପନ୍ତ୍ ସର୍ବାଧିକ ୪୨ ରନ୍ କରିଥିଲେ। ଏଡେନ୍ ମାର୍କରମ୍ ୩୧, ଆୟୁଷ ବଡ଼ୋନୀ ୨୪, ହିମତ୍ ସିଂହ ୧୯ ରନ୍ କରି ଆଉଟ୍ ହୋଇଥିଲେ। ଶେଷ ଓଭର୍‌ରେ ଲକ୍ଷ୍ନୌକୁ ବିଜୟ ପାଇଁ ୧୭ ରନ୍‌ର ଆବଶ୍ୟକତା ଥିବାବେଳେ କାର୍ତ୍ତିକ ତ୍ୟାଗୀଙ୍କ ଶେଷ ବଲ୍‌ରେ ଛକା ମାରି ମହମ୍ମଦ ଶମୀ ମ୍ୟାଚ୍ ଟାଇ କରିଥିଲେ।

## ଦ୍ରୁତ ୫୦୦୦ ରନ୍‌ରେ ସାମ୍‌ସନ୍ ପ୍ରଥମ ଭାରତୀୟ

ଚେନ୍ନାଇ,(ଏଜେନ୍ସି): ଚଳିତ ଆଇପିଏଲ୍ ସିଜନ୍‌ରେ ଚମତ୍କାର ଫର୍ମରେ ଥିବା ଚେନ୍ନାଇ ସୁପର୍ କିଙ୍ଗ୍‌ସ ୱିକେଟ୍‌କିପର୍ ବ୍ୟାଟର୍ ସଞ୍ଜୁ ସାମ୍‌ସନ୍ ଗୁଜରାଟ ଟାଇଟନ୍ସ ବିପକ୍ଷରେ ୧୧ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏହା ସତ୍ତ୍ୱେ ସେ ଆଇପିଏଲ୍‌ରେ ବଲ୍ ହିସାବରେ ଦ୍ରୁତତମ ୫୦୦୦ ରନ୍ କରିବାରେ ପ୍ରଥମ ଭାରତୀୟ ଏବଂ ଓଭର୍‌ଅଲ୍ ତୃତୀୟ ବ୍ୟାଟର୍ ହୋଇଛନ୍ତି। ସାମ୍‌ସନ୍ ୩୫୫୫ ବଲ୍‌ରେ ୫୦୦୦ ରନ୍ କରିଛନ୍ତି। ଏହି ଲିଷ୍ଟ୍‌ର ପ୍ରଥମ ସ୍ଥାନରେ ଏବି ଡିଭିଲିୟର୍ସ (୩୨୮୮ ବଲ୍) ଏବଂ ଦ୍ୱିତୀୟ ସ୍ଥାନରେ ଡେଭିଡ୍ ୱାର୍ଣ୍ଣର୍ (୩୫୫୪) ଅଛନ୍ତି। ଭାରତୀୟଙ୍କ ମଧ୍ୟରେ ସଞ୍ଜୁଙ୍କ ପଛରେ ସୁରେଶ ରାଇନା (୩୬୨୦ ବଲ୍), କେଏଲ୍ ରାହୁଲ (୩୬୮୮ ବଲ୍) ଏବଂ ଏମ୍‌ଏସ୍ ଧୋନି (୩୬୯୧ ବଲ୍) ଅଛନ୍ତି।

## ମାରାଥନ୍ ଇତିହାସରେ ପ୍ରଥମ

# ଦୁଇ ଘଣ୍ଟାର ରେକର୍ଡ ଭାଙ୍ଗିଲେ ସେବାଷ୍ଟିଆନ୍ ସାୱେ

ଲଣ୍ଡନ,(ଏଜେନ୍ସି): କେନିଆର ସେବାଷ୍ଟିଆନ୍ ସାୱେ ରବିବାର ଲଣ୍ଡନ ମାରାଥନ୍ ୨୦୨୬ରେ ଇତିହାସ ରଚିଛନ୍ତି। ଏହି ମାରାଥନ୍ ପୂରା କରିବାକୁ ସେ ୧ ଘଣ୍ଟା ୫୯ ମିନିଟ୍ ଓ ୩୦ ସେକେଣ୍ଡ ସମୟ ନେଇଛନ୍ତି। ଏହା ଦୁଇଘଣ୍ଟାରୁ କମ୍ ସମୟରେ ମାରାଥନ୍ ପୂରା କରିବା ପରେ ପ୍ରଥମ ପୁରୁଷ ଆଥ୍‌ଲେଟ୍ ହୋଇଛନ୍ତି। ୩୧ ବର୍ଷୀୟ ସାୱେ ୨:୦୦:୩୫ର ଗତ ବିଶ୍ୱ ରେକର୍ଡ ମଧ୍ୟ ଭଙ୍ଗ କରିଛନ୍ତି। ଏହି ରେକର୍ଡ ଦିବଂଗତ କେଲ୍‌ଭିନ୍ କିପ୍‌ଟମ୍ ୨୦୨୩ ଶିକାଗୋ ମାରାଥନ୍‌ରେ ସ୍ଥାପନ କରିଥିଲେ। ଇଥିଓପିଆର ୟୋମିଫ୍ କେଜେଲ୍‌ଚା ୧:୫୯:୪୧ ସମୟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ମଧ୍ୟ ଦୁଇଘଣ୍ଟାରୁ କମ୍ ସମୟରେ ରେସ୍ ପୂରା କରିବାରେ ସଫଳ ହୋଇଛନ୍ତି। ଉଗାଣ୍ଡାର ଜ୍ୟାକବ୍ କିପ୍ଲିମୋ (୨:୦୦:୨୮) ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

କେନିଆର ଏଲିଉଡ୍ କିପ୍‌ଚୋଗେ ଅକ୍ଟୋବର ୨୦୧୯ରେ ୧:୫୯:୪୦ ସମୟ ନେଇ ରେସ୍ ପୂରା କରିବା ସହ ଦୁଇଘଣ୍ଟାରୁ କମ୍‌ରେ ମାରାଥନ୍ ପୂରା କରିବାରେ ପ୍ରଥମ ବ୍ୟକ୍ତି ହୋଇଥିଲେ। କିନ୍ତୁ ଏହି ସମୟକୁ ବିଶ୍ୱ ରେକର୍ଡ ଭାବେ ଅନୁମୋଦନ କରାଯାଇ ନଥିଲା। କାରଣ ସେ ସ୍ୱତନ୍ତ୍ର ଜୋତା ପିନ୍ଧି ଦୌଡ଼ିଥିଲେ, ଗତି ଏବଂ ତରଳ ପଦାର୍ଥ ପାଇଁ ମାନକ ପ୍ରତିଯୋଗିତା ନିୟମ ପାଳନ କରାଯାଇ ନଥିଲା। ଏହା ସହିତ ଏହା ଏକ ଓପନ୍ ଇଭେଣ୍ଟ୍ ନଥିଲା। ତେବେ ସାୱେ ରବିବାରର ଲଣ୍ଡନ ମାରାଥନ୍‌ରେ ୧୦୦ ଗ୍ରାମ୍‌ରୁ କମ୍ ଓଜନର ଆଡିଡାସ୍‌ର ନୂତନ ପ୍ରୋ ଇଭୋ ୩ ସୁପରସୁ ପିନ୍ଧିଥିଲେ। ମାରାଥନ୍‌ର ମହିଳା ବିଭାଗରେ ଇଥିଓପିଆର ଟିଗଷ୍ଟ ଅସେଫା (୨:୧୫:୪୧) ନିଜ ବିଶ୍ୱ ରେକର୍ଡ ଭଙ୍ଗ କରି ପ୍ରଥମ ହୋଇଛନ୍ତି। ସେ ଗତବର୍ଷ ଲଣ୍ଡନ ମାରାଥନ୍‌କୁ ୨:୧୫:୫୦ ସମୟ ସହ ରେକର୍ଡ ସ୍ଥାପନ କରିଥିଲେ। କେନିଆର ହେଲେନ୍ ଓବିରୀ ଏବଂ ଜୟସିଲିନ୍ ଜେପ୍‌କୋସଗେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# ଉବର କପ୍: ୟୁକ୍ରେନ୍‌କୁ ୪-୧ରେ ହରାଇଲା ଭାରତ

ନୂଆଦିଲ୍ଲୀ,(ଏଜେନ୍ସି): ଡେନ୍‌ମାର୍କର ହୋର୍ସେନ୍ସରେ ଖେଳାଯାଉଥିବା ଉବର୍ କପ୍‌ରେ ଭାରତ ମହିଳା ଟିମ୍ ନିଜ କ୍ୱାର୍ଟର୍ ଫାଇନାଲ୍ ଆଶା ଉଜ୍ଜୀବିତ ରଖିଛି। ଗ୍ରୁପ୍-ଏ'ରେ ଭାରତ ନିଜ ଦ୍ୱିତୀୟ ମ୍ୟାଚ୍‌ରେ ୟୁକ୍ରେନ୍‌କୁ ୪-୧ରେ ଶୋଚନୀୟ ଭାବେ ହରାଇ ଦେଇଛି। ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଡେନ୍‌ମାର୍କ ଠାରୁ ୨-୩ରେ ହାରିବା ପରେ ଭାରତୀୟ ଖେଳାଳି ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ବିଜୟ ସହିତ ଭାରତ ସୋମବାର ଡିଫେଣ୍ଡିଂ ଚାମ୍ପିଅନ୍ ଚୀନ୍‌କୁ ଭେଟିବ, ଯାହା କ୍ୱାର୍ଟର୍ ଫାଇନାଲ୍ ରାସ୍ତା ସ୍ଥିର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ।

ଭାରତ ପକ୍ଷରୁ ପ୍ରଥମ ସିଙ୍ଗଲ୍ସରେ ଉନ୍ନତି ହୁଡା ଚମତ୍କାର ପ୍ରଦର୍ଶନ କରି ୟୁକ୍ରେନ୍‌ର ପୋଲିନା ବୁହରୋଭାଙ୍କୁ ୨୧-୧୯, ୨୨-୨୦ ସିଧା ଗେମ୍‌ରେ ମାତ୍ ଦେଇ ଭାରତକୁ ୧-୦ରେ ଆଗୁଆ କରିଥିଲେ। ଏହାପରେ ଜୁନିୟର୍ ବିଶ୍ୱ ଚାମ୍ପିଅନ୍‌ଶିପ୍ ରୌପ୍ୟ ପଦକ ବିଜେତା ତନ୍‌ଭୀ ଶର୍ମା ୟେଭ୍‌ହେନିଆ କାଣ୍ଟେମିର୍‌ଙ୍କୁ ସଂଘର୍ଷପୂର୍ଣ୍ଣ ତିନି ଗେମ୍‌ରେ ମ୍ୟାଚ୍‌ରେ ୨୧-୧୨, ୧୭-୨୧, ୨୧-୧୦ରେ ହରାଇ ସ୍କୋର୍ ୨-୦ କରିଥିଲେ। ପିଭି ସିନ୍ଧୁଙ୍କ ସ୍ଥାନରେ ଏହି ମ୍ୟାଚ୍ ଖେଳୁଥିବା ଥାଇଲାଣ୍ଡ ମାଷ୍ଟର୍ସ ଚାମ୍ପିଅନ୍ ଦେବିକା ସିହାଗ୍ ତୃତୀୟ ସିଙ୍ଗଲ୍ସରେ ମାରିୟା ଷ୍ଟୋଲିୟାରେଙ୍କୋଙ୍କୁ ୩୧-୨୧, ୨୧-୧୩ରେ ହରାଇ ଭାରତର ବିଜୟ ପକ୍କା କରିଥିଲେ। ଏହି ବିଜୟ ଫଳରେ ଭାରତ ମ୍ୟାଚ୍‌ରେ ୩-୦ର ଅଜେୟ ଅଗ୍ରଣୀ ଲାଭ କରିଥିଲା। ଭାରତକୁ ଏକମାତ୍ର ପରାଜୟ ମହିଳା ଡବଲ୍ସରେ ମିଳିଥିଲା। କବିପ୍ରିୟା ସେଲ୍‌ଭମ୍ ଓ ସିମ୍‌ରନ୍ ସିଙ୍ଘିଙ୍କ ଯୋଡ଼ି ୟୁକ୍ରେନ୍‌ର ବୁହରୋଭା ଓ କାଣ୍ଟେମିର୍‌ଙ୍କ ଯୋଡ଼ି ଠାରୁ ୧୧-୨୧, ୧୬-୨୧ରେ ପରାଜିତ ହୋଇଥିଲା। ତେବେ ଅନ୍ତିମ ମ୍ୟାଚ୍‌ରେ ପିଭି ସିନ୍ଧୁ ଓ ତନୀଷା କ୍ରାଷ୍ଟୋଙ୍କ ଯୋଡ଼ି ସୋଫିଆ ଲାଭରୋଭା ଓ ଷ୍ଟୋଲିଆରେଙ୍କୋଙ୍କୁ ୨୧-୧୮, ୨୧-୧୫ରେ ହରାଇ ସ୍କୋର୍‌ଲାଇନ୍ ୪-୧ କରିଥିଲେ।

## ହସ



ହସ ଏକ ପ୍ରେମ ହସ ହିଁ ପ୍ରେମିକ
ସେ ହିଁ ମାଧୁରିମା ସେଇ ହିଁ ଆଲୋକ।
ହସ ଏକ ଛନ୍ଦ ହସ ଅରବିନ୍ଦ
ହସ ବିନା ଫୁଟେ ନାହିଁ ମକରନ୍ଦ।
ହସ ହିଁ ଚନ୍ଦ୍ରମା ହସ ହିଁ ଜୋଛନା
ହସ ବିନା ଜୀବ ମନ ଆନମନା।
ହସ ଏକ କଇଁ ଜଳର ଆଇନା
ବିଭୁ ପାଇଁ ସଦା କରଇ ପ୍ରାର୍ଥନା।
ହସ ହିଁ ଜୁଆର ନୀଳ ସାଗରରେ
ଉଚ୍ଛୁଳା ଲହରୀ କୁମାରୀ ମନରେ।
ହସ ପାରିଜାତ ସ୍ୱର୍ଗ ଉପବନେ
ହସ ସଦା ଫୁଟେ ମଣିଷ ଜୀବନେ।
ହସ ଏକ ନଈ ଯାଏ ଖାଲି ବହି
ଦୁଃଖୀର ଜୀବନେ ନପାରେ ସେ ରହି।
ହସ ଏକ ଫୁଲ ଅମୂଲ ତା ମୂଲ
ଝରିଗଲେ ଥରେ ପଡ଼ିଯାଏ ଝୁଲ।
ହସ ଯୋଡ଼ି ଦିଏ ଭଙ୍ଗା ହୃଦୟକୁ
ହସ ଜାଣେ ନାହିଁ ଆପଣା ପରକୁ।
ମଉନେ ସେ ରହେ ଦୁଃଖୀର ଜୀବନେ
ପୂର୍ଣ୍ଣିମାରେ କେବେ ଆସେ ସେ
ସପନେ।
ଜୀବନର ପଥେ ଯେତେ ଥାଏ କଷ୍ଟ
ହସି ଦେଲେ ଥରେ କଟିଯାଏ ରିଷ୍ଟ।
ହସ ହିଁ ଔଷଧ କରେ ଉପସମ
ନାହିଁ ତାର ସମ ମୂଲ୍ୟ କିବା ଦାମ।
ପ୍ରତିଦିନ ହସ, ଖୁସି ରୁହ ମନେ
ଜୀବନ ସୁନ୍ଦର ଶୁଣ ସାଧୁ ଜନେ।

**ଛବିଳ କୁମାର ସାହୁ**
କଳା ଶିକ୍ଷକ, କୁଣ୍ଡାପିଠା ଉଚ୍ଚ
ବିଦ୍ୟାଳୟ, କୁଣ୍ଡାପିଠା, ଦେବଗଡ଼
ମୋ: ୯୯୩୮୦୯୯୪୯୬

## ଠାକୁରେ

ସତେ ତୁମେ ଅଛ ଠାକୁରେ,
ଜାଣି ଜାଣି ମୂକ ଶ୍ରୀ ମନ୍ଦିରେ,
ସତେ ତୁମେ ଅଛ ଠାକୁରେ।
କେତେ ଡାକି ଡାକି ନିରାଶରେ ଅଛି
ପ୍ରଭୁ ତୁମ ଦରବାରେ
ସତେ ତୁମେ ଅଛ ଠାକୁରେ।
କରାଳ ମୃତ୍ୟୁରେ କିଏ ଅଛି
ପାଖରେ ରଖିବାକୁ ବିପତ୍ତିବେଳେ,
ସତେ ତୁମେ ଅଛ ଠାକୁରେ।
ଲୁଚିରହି ବଡ଼ ଦେଉଳରେ,
ଚିତାର ଧୂଆଁରେ ସରଗ ଦୁଆରେ
ମରଣ ଦିହୁଡ଼ି ଜଳେ
କରୁଣାରୁ ଊଣା, କରିଛ ମହିମା
କେତେ ଦେଖ ରୋଗର ନମୁନା,
ଲକ୍ଷ୍ୟ ଲକ୍ଷ୍ୟ ମଡ଼ା, ଶବ କୁଢ଼ କୁଢ଼,
କିପରି ଦେଖୁଛ ଆଖିରେ,
ବିଶ୍ୱାସ ମୋ ନାହିଁ ତୁମଠାରେ।

**ସୁବାସ ଚନ୍ଦ୍ର ପାତ୍ର**
କେନ୍ଦ୍ରାପଡ଼ା

ଜାତୀୟ ଚେତନା
JATIYA CHETANA



# ଓଡ଼ିଆ ସିନେମା ଜଗତରେ ନୂଆ ଫର୍ଦ୍ଦ



## ଏକାମ୍ର କ୍ଷେତ୍ରର ଐତିହ୍ୟ ଓ ଆଧୁନିକତାର ସମନ୍ୱୟ

# ବିନ୍ଦୁସାଗର

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ନୂତନ ଅଧ୍ୟାୟର ସୂତ୍ରପାତ କରି ପରଦାକୁ ଆସିଛି ବହୁ ପ୍ରତୀକ୍ଷିତ ସିନେମା 'ବିନ୍ଦୁସାଗର'। ଏହା କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ଏକାମ୍ର କ୍ଷେତ୍ରର ଗର୍ବ, ଗୌରବ ଓ ଅନେକ ଅଜ୍ଞାତ କୀର୍ତ୍ତିରାଜିର ଏକ ଜୀବନ୍ତ ଦଲିଲ। ପବିତ୍ର ବିନ୍ଦୁସାଗରକୁ କେନ୍ଦ୍ର କରି ଗତିଶୀଳ ହେଉଥିବା ଏହି କାହାଣୀରେ ଆଧୁନିକ ଯୁବପିଢ଼ିଙ୍କ ଚିନ୍ତାଧାରା ଓ ଜୀବନଶୈଳୀକୁ ଅତି ନିଖୁଣ ଭାବେ ଚିତ୍ରଣ କରାଯାଇଛି। ସିନେମାଟିରେ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳୁଥିବା ବେଳେ ଏଥିରେ ବିଶେଷ କରି ପଟ୍ଟଚିତ୍ରକାରମାନଙ୍କ ସୂକ୍ଷ୍ମ କଳା ଓ ସେମାନଙ୍କ ଜୀବନ ସଂଘର୍ଷର କାହାଣୀକୁ ସ୍ଥାନିତ କରାଯାଇଛି। ବିଦେଶର ଚକାଚକ୍ୟ ଦୁନିଆ ଛାଡ଼ି ନିଜ ମାଟିର ମହକ ଖୋଜି ଫେରିଥିବା ଏକ ଓଡ଼ିଆ ଝିଅର ଆବେଗପୂର୍ଣ୍ଣ ଯାତ୍ରାକୁ ନେଇ ଚଳଚ୍ଚିତ୍ରଟି ଆଗକୁ ବଢ଼ିଛି। ବର୍ତ୍ତମାନ ଏହି ସିନେମାଟି ଓଡ଼ିଶା ସମେତ ସାରା ଭାରତର ପ୍ରାୟ ୮୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରି ଓଡ଼ିଆ ସିନେମାର ବ୍ୟାପ୍ତିକୁ ପ୍ରମାଣିତ କରିଛି।

ରାଜଧାନୀ ଭୁବନେଶ୍ୱରର ସୁପରିଚିତ ମହାରାଜା ସିନେମା ହଲରେ ଏହି ଚଳଚ୍ଚିତ୍ରର ଭବ୍ୟ ପ୍ରିମିୟର୍ ଶୋ' ଅନୁଷ୍ଠିତ ହୋଇଯାଇଛି। ପ୍ରିମିୟର ଅବସରରେ ଦର୍ଶକଙ୍କ ମଧ୍ୟରେ ଯେଉଁ ଉନ୍ମାଦନା ଦେଖିବାକୁ ମିଳିଥିଲା, ତାହା ବାସ୍ତବରେ ଅବର୍ଣ୍ଣନୀୟ। ସିନେମାଟିକୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା ଏବଂ ପ୍ରଥମ ଦିନର ପ୍ରଦର୍ଶନ ପରେ ଦର୍ଶକଙ୍କ ସକରାତ୍ମକ ପ୍ରତିକ୍ରିୟା ଶିଳ୍ପୀ ଓ କଳାକାରଙ୍କ ମନୋବଳକୁ ବୃଦ୍ଧି କରିଛି। ମୌଳିକ କାହାଣୀ ଏବଂ ସୁନ୍ଦର ନିର୍ମାଣ ଶୈଳୀ ପାଇଁ ଏହାକୁ ସବୁ ବର୍ଗର ଲୋକେ ପସନ୍ଦ କରୁଛନ୍ତି। ମୁଖ୍ୟତଃ ଏହା ଏକ ସଙ୍ଗୀତଭିତ୍ତିକ ଚଳଚ୍ଚିତ୍ର ହୋଇଥିବାରୁ ଏହାର ଗୀତ ଓ ସ୍ୱର ସଂଯୋଜନା ଦର୍ଶକଙ୍କୁ କାହାଣୀ ସହ ବାନ୍ଧି ରଖିବାରେ ସଫଳ ହୋଇଛି। ଓଡ଼ିଆ ଘରର ପାରମ୍ପରିକ ରୀତିନୀତି ଏବଂ ପାରିବାରିକ ସମ୍ପର୍କର ମୂଲ୍ୟବୋଧକୁ ନେଇ ଏହି ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଥିବା ବେଳେ ପୂର୍ବରୁ ସଫଳତା ପାଇଥିବା 'କୁହୁଡ଼ି' ଚଳଚ୍ଚିତ୍ର ପରେ ପୁଣିଥରେ ଦୀପାନ୍ୱିତ ଓ ପ୍ରକୃତିଙ୍କ ଅପୂର୍ବ କେମିଷ୍ଟ୍ରି ପରଦାରେ ଦେଖିବାକୁ ମିଳିଛି। ପ୍ରିମିୟର ସମୟରେ ପ୍ରେକ୍ଷାଳୟ ପରିସରରେ ପ୍ରଦର୍ଶିତ ଆକର୍ଷଣୀୟ ପଟ୍ଟଚିତ୍ର ଓ କଳାକୃତି ଦର୍ଶକଙ୍କୁ ବିନ୍ଦୁସାଗରର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଆବେଗ ସହ ପରିଚିତ କରାଇଥିଲା।

ଚଳଚ୍ଚିତ୍ରର ବୈଷୟିକ ଦିଗ ଉପରେ ନଜର ପକାଇଲେ ଜଣାପଡ଼େ ଯେ ମୁମ୍ବାଇର ପ୍ରତିଷ୍ଠିତ ପ୍ରଯୋଜକ ଶିଲାଦିତ୍ୟ ବୋରା ଏହି ସିନେମାର ପ୍ରଯୋଜନା ଭାର ଗ୍ରହଣ କରିଛନ୍ତି, ଯାହା ଚଳଚ୍ଚିତ୍ରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଯୁବ ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ପ୍ରତିଟି ଦୃଶ୍ୟ ଜୀବନ୍ତ ହୋଇଉଠିଛି। ଅଭିଷେକ ଦାସଙ୍କ ଲିଖିତ କାହାଣୀରେ ଏକ ନିଆରା ପଣ ରହିଛି। ଓଲିଉଡର ଲୋକପ୍ରିୟ ଅଭିନେତ୍ରୀ ପ୍ରକୃତି ମିଶ୍ର ଓ ପ୍ରତିଭାବାନ ଅଭିନେତା ଦୀପନ୍ୱିତ ଦାସ ମହାପାତ୍ରଙ୍କ ସମେତ ସତ୍ୟ ରଞ୍ଜନ, ସୋନାଲି ଶର୍ମିଷ୍ଠା ଏବଂ ବଲିଉଡର ଅଭିଜ୍ଞ କଳାକାର ରବୀନ ଦାସ ଓ ଜଗନ୍ନାଥ ସେଠଙ୍କ ଚମତ୍କାର ଅଭିନୟ ଏହି ସିନେମାର ମୁଖ୍ୟ ଆକର୍ଷଣ। କେବଳ ଓଡ଼ିଶା ମାଟିରେ ନୁହେଁ, ବରଂ ରାଜ୍ୟ ବାହାରେ ରହୁଥିବା ଓଡ଼ିଆଙ୍କ ମନ ଜିତିବା ପାଇଁ ମୁମ୍ବାଇ, ବାଙ୍ଗାଲୋର, ହାଇଦ୍ରାବାଦ, ପୁଣେ ଏବଂ ଥାଣେ ପରି ବଡ଼ ସହରରେ ମଧ୍ୟ ଏହାକୁ ମୁକ୍ତିଲାଭ କରାଯାଇଛି। ଓଡ଼ିଆ କଳା ଓ ସଂସ୍କୃତିକୁ ଜାତୀୟ ସ୍ତରରେ ଏକ ନୂଆ ପରିଚୟ ଦେବା ପାଇଁ ଏହା ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ସିନେମା କ୍ରୁ ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି। ବିନ୍ଦୁସାଗରକୁ ନେଇ ଓଡ଼ିଆ ଜନସାଧାରଣଙ୍କ ମନରେ ଥିବା ଆବେଗକୁ ପରଦାରେ ଦେଖି ଦର୍ଶକ ନିଜକୁ କାହାଣୀ ସହ ଜଡ଼ିତ କରିପାରୁଛନ୍ତି। ଏହି ମୌଳିକ ସିନେମାକୁ ଦର୍ଶକ ନିଜର ଆଶୀର୍ବାଦ ଓ ଭଲପାଇବା ଦିଅନ୍ତୁ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ନିବେଦନ କରାଯାଇଛି। ଓଡ଼ିଆ ସିନେମାର ପୁନରୁଦ୍ଧାର ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।



# ବିଶ୍ୱ ମଞ୍ଚରେ ରାଜମୌଳିଙ୍କ 'ବାରଣାସୀ'ର ଜୟଯାତ୍ରା

ଭାରତୀୟ ସିନେମାର ଦିଗବଳୟକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ଦେଇଥିବା ଯଶସ୍ୱୀ ନିର୍ଦ୍ଦେଶକ ଏସ୍‌ଏସ୍ ରାଜମୌଳି ପୁଣିଥରେ ଏକ ବିଶାଳ ଐତିହାସିକ ଗାଥା ସହ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ତାଙ୍କର ଆଗାମୀ ମହତ୍ୱାକାଂକ୍ଷୀ ଚଳଚ୍ଚିତ୍ର 'ବାରଣାସୀ' ବର୍ତ୍ତମାନ ମୁକ୍ତିଲାଭ ପୂର୍ବରୁ ହିଁ ଆନ୍ତର୍ଜାତୀୟ ସ୍ତରରେ ନିଜର ବିଜୟଧ୍ୱଜା ଉଡ଼ାଇବା ଆରମ୍ଭ କରିଦେଇଛି। ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ଚଳଚ୍ଚିତ୍ର କାର୍ଯ୍ୟକ୍ରମ ମେକ୍ସିକୋ କମିକ୍-କନ୍‌ରେ ଏହି ସିନେମାର ପ୍ରଦର୍ଶନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ 'ବାରଣାସୀ'କୁ ଏକ ବିଶିଷ୍ଟ ମଞ୍ଚରେ ଉପସ୍ଥାପନ କରିବା ପାଇଁ ଘୋଷଣା କରିବା ପରେ ସାରା ବିଶ୍ୱର ସିନେପ୍ରେମୀଙ୍କ ମଧ୍ୟରେ ଏକ ଅଭୁତପୂର୍ବ ଉତ୍ସାହ ଖେଳିଯାଇଛି। ନିଜର ସାମାଜିକ ଗଣମାଧ୍ୟମ ଜରିଆରେ ନିର୍ଦ୍ଦେଶକ ରାଜମୌଳି ଏହି ଖୁସି ଖବର ବାଣ୍ଟିବା ସହ ଜଣାଇଛନ୍ତି ଯେ, ଏହି ସିନେମାଟି ବିଶ୍ୱବାସୀଙ୍କ ପାଇଁ ଭାରତୀୟ ପୌରାଣିକ ଓ ସାଂସ୍କୃତିକ ଗଭୀରତାର ଏକ ନୂଆ ଝଲକ ହେବ।

ନିଜର ଆନ୍ତର୍ଜାତୀୟ ପଦାର୍ପଣ ପାଇଁ 'ବାରଣାସୀ' ସମ୍ପୂର୍ଣ୍ଣ ରୂପେ ସଜବାଜ ହୋଇସାରିଛି। 'ବାରଣାସୀ ଟୁ ଦି ୱାର୍ଲ୍ଡ' ବା 'ବିଶ୍ୱ ପାଇଁ ବାରଣାସୀ' ନାମକ ଏକ ସ୍ୱତନ୍ତ୍ର ଅଧିବେଶନ ମାଧ୍ୟମରେ ପ୍ରଶଂସକମାନେ ଏହି ମେଗା ଚଳଚ୍ଚିତ୍ରର କିଛି ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ ପ୍ରଥମ ଥର ପାଇଁ ଦେଖିବାକୁ ପାଇବେ। ନିର୍ମାତାଙ୍କ ପକ୍ଷରୁ ପ୍ରକାଶିତ ଏକ ନୂତନ ବିଜ୍ଞାପନ ଚିତ୍ରରେ ମେକ୍ସିକୋବାସୀଙ୍କୁ ଶୁଭେଚ୍ଛା ଜଣାଯାଇଛି ଏବଂ ଏପ୍ରିଲ ୨୪ ତାରିଖରେ ମେକ୍ସିକୋର ବିଶାଳ 'ଥଣ୍ଡର ଷ୍ଟେଜ୍'ରେ ଏହି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମଞ୍ଚରେ କେବଳ ସିନେମାର ଝଲକ ନୁହେଁ, ବରଂ ନିର୍ମାଣ ସମୟର ପରଦା ପଛର ଅନେକ ଅକୁହା ଓ ରୋମାଞ୍ଚକର ମୂହୂର୍ତ୍ତଗୁଡ଼ିକୁ ମଧ୍ୟ ପ୍ରଦର୍ଶିତ କରାଯିବ। ସେଠାରେ ଉପସ୍ଥିତ ଥିବା ଦର୍ଶକଙ୍କ ପାଇଁ ଏସ୍‌ଏସ୍ ରାଜମୌଳିଙ୍କର ଏକ ସ୍ୱତନ୍ତ୍ର ଭିଡିଓ ବାର୍ତ୍ତା ମଧ୍ୟ ରହିବ, ଯେଉଁଥିରେ ସେ ନିଜର କଳ୍ପନା ଓ କାହାଣୀର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ରାଜମୌଳିଙ୍କ ପୁଅ ଏସଏସ କାର୍ତ୍ତିକେୟ ପରିଚାଳନା କରିବେ, ଯାହା ଦର୍ଶକଙ୍କ ସହ ଏକ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବାରେ ସହାୟକ ହେବ।

ଏହି ସିନେମାରେ ତାରକା ଖଚିତ କଳାକାରଙ୍କ ସମାବେଶ ଦେଖିବାକୁ ମିଳିଛି। ଲୋକପ୍ରିୟ ଅଭିନେତା ମହେଶ ବାବୁ 'ରୁଦ୍ର' ଭୂମିକାରେ, ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା 'ମନ୍ଦାକିନୀ' ରୂପରେ ଏବଂ ପୃଥ୍ୱୀରାଜ ସୁକୁମାରନ 'କୁମ୍ଭ' ଚରିତ୍ରରେ ନିଜର ଦମଦାର ଅଭିନୟର ଜଲୱା ଦେଖାଇବେ। ଏହି ଚରିତ୍ରଗୁଡ଼ିକର ପ୍ରାରମ୍ଭିକ ଚିତ୍ର ପୂର୍ବରୁ ହିଁ ସାରା ଭାରତରେ ହଇଚଇ ସୃଷ୍ଟି କରିସାରିଛି। ୧୨୦୦ କୋଟି ଟଙ୍କାର ଏହି ବିଶାଳ ବଜେଟ୍ ସିନେମାଟି ଦୁର୍ଗା ଆର୍ଟସ୍ ବ୍ୟାନର ଅଧୀନରେ ପ୍ରସ୍ତୁତ ହେଉଥିବା ବେଳେ ପ୍ରଯୋଜକ କେଏଲ୍ ନାରାୟଣ ଏହାର ସମସ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଙ୍ଗୀତ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଏମଏମ କୀରାୱାନିଙ୍କ ସୁମଧୁର ସଙ୍ଗୀତ ଏହି ସିନେମାକୁ ଏକ ଆଧ୍ୟାତ୍ମିକ ଗଭୀରତା ପ୍ରଦାନ କରିଛି। ଉଚ୍ଚମାନର ଚିତ୍ରତ୍ତୋଳନ ଓ ଶବ୍ଦ ସଂଯୋଜନା ସହ ଏହି ଚଳଚ୍ଚିତ୍ରଟିକୁ ବିଶାଳ ପରଦାରେ ପ୍ରଦର୍ଶନ କରିବା ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି।

ସୂଚନାଯୋଗ୍ୟ ଯେ, ପ୍ୟାରିସରେ ଆୟୋଜିତ ଏକ ଚଳଚ୍ଚିତ୍ର ମହୋତ୍ସବରେ ପୂର୍ବରୁ 'ବାରଣାସୀ'ର ପ୍ରଥମ ଝଲକକୁ ବହୁ ପ୍ରଶଂସା ମିଳିସାରିଛି। ଆଧୁନିକ ଜ୍ଞାନକୌଶଳ ଓ ଭାରତୀୟ ମାଟିର ପୌରାଣିକ କାହାଣୀର ଏହି ଅପୂର୍ବ ସମନ୍ୱୟ ବିଶ୍ୱ ସିନେମା ଜଗତରେ ଏକ ନୂଆ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସମାଲୋଚକମାନେ ମତ ଦେଉଛନ୍ତି। ଏହି ମହାକାବ୍ୟ ସଦୃଶ ଚଳଚ୍ଚିତ୍ରଟି ୨୦୨୭ ମସିହା ଏପ୍ରିଲ ୭ ତାରିଖରେ ଭାରତ ସମେତ ସାରା ବିଶ୍ୱର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ରାଜମୌଳିଙ୍କ ପ୍ରତିଟି ପଦକ୍ଷେପ ଏବେ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠାକୁ ବଢ଼ାଇ ଚାଲିଛି ଏବଂ ଆଗାମୀ ଦିନରେ ଏହା ଭାରତୀୟ ସିନେମା ପାଇଁ ଏକ ନୂତନ ସମ୍ମାନ ଆଣିଦେବ ବୋଲି ଆଶା କରାଯାଉଛି।

# ବ୍ରିଟେନ ବଜାରରେ ରଣଭୀରଙ୍କ 'ଧୁରନ୍ଧର' ରାଜ୍

ବିଗତ ଦୁଇ ଦଶନ୍ଧି ଧରି ବ୍ରିଟେନର ଚଳଚ୍ଚିତ୍ର ବଜାରରେ ଯେଉଁ 'ଖାନ' ସୁପରଷ୍ଟାରମାନଙ୍କର ଏକାଧିପତ୍ୟ ରହିଥିଲା, ତାହାକୁ ଆଜି ଜଣେ ନୂତନ ଯୁଗର ଅଭିନେତା ଧୂଳିସାତ କରିଦେଇଛନ୍ତି। ୟୁନାଇଟେଡ୍ କିଙ୍ଗଡମ୍ ବା ବ୍ରିଟେନର ଯେଉଁ ମାଟିକୁ ବଲିଉଡର ତିନି ଖାନଙ୍କ ଗଡ଼ ବୋଲି ବିବେଚନା କରାଯାଉଥିଲା, ସେଠାରେ ରଣଭୀର ସିଂଙ୍କ ଅଭିନୀତ ଚଳଚ୍ଚିତ୍ର 'ଧୁରନ୍ଧର ୨' ଏକ ନୂତନ ଇତିହାସ ରଚନା କରିଛି। ଗତ ୨୦ ବର୍ଷର ସମସ୍ତ ପୁରୁଣା କୀର୍ତ୍ତିମାନକୁ ପଛରେ ପକାଇ ଏହି ସିନେମାଟି ବ୍ରିଟେନ ବଜାରରେ ଶୀର୍ଷ ସ୍ଥାନ ଅଧିକାର କରିଛି। କେବଳ ସେତିକି ନୁହେଁ, ପୂର୍ବରୁ ସଫଳତାର ଶୀର୍ଷରେ ଥିବା ୬ଟି ବୃହତ ବ୍ୟବସାୟିକ ସିନେମାର ରେକର୍ଡକୁ ଚୁନା କରି ରଣଭୀର ଏବେ ବିଶ୍ୱ ବଜାରର ନୂଆ ବାଦଶାହ ଭାବେ ଉଭା ହୋଇଛନ୍ତି। ବର୍ତ୍ତମାନ ସାରା ବିଶ୍ୱରେ 'ଧୁରନ୍ଧର ୨'ର ଜୟଯାତ୍ରା ଅବ୍ୟାହତ ରହିଛି। ଭାରତ ସମେତ ବିଶ୍ୱର ପ୍ରତିଟି କୋଣ ଅନୁକୋଣରେ ଏହି ଚଳଚ୍ଚିତ୍ରର ଦମଦାର ପ୍ରଦର୍ଶନ ବକ୍ସ ଅଫିସକୁ ଦୋହଲାଇ ଦେଇଛି। ବିଶେଷ କରି ବ୍ରିଟେନରେ ଏହି ସିନେମା ପାଖାପାଖି ୪.୩୮ ମିଲିୟନ ୟୁରୋର କାରବାର କରିସାରିଛି। ଏହି ସଫଳତା ସହ ଶାହାରୁଖ ଖାନଙ୍କ ଅତି ଲୋକପ୍ରିୟ ଚଳଚ୍ଚିତ୍ର 'ପଠାନ'ର ୪.୩୮୦ ମିଲିୟନ ୟୁରୋର ବ୍ୟବସାୟିକ ରେକର୍ଡ ଏବେ ଇତିହାସ ପାଲଟିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ମୁକ୍ତିଲାଭର ଅନେକ ଦିନ ପରେ ମଧ୍ୟ ସେଠାକାର ପ୍ରେକ୍ଷାଳୟଗୁଡ଼ିକରେ 'ଧୁରନ୍ଧର ୨' ପାଇଁ ଦର୍ଶକଙ୍କ ମଧ୍ୟରେ ଉନ୍ମାଦନା ହ୍ରାସ ପାଇନାହିଁ। ରଣଭୀର ସିଂଙ୍କର ଏହି ବିଜୟ ଭାରତୀୟ ସିନେମାର ପରିସୀମାକୁ ବିଶ୍ୱ ସ୍ତରରେ ଆହୁରି ସୁଦୂରପ୍ରସାରୀ କରିଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ